## ସଂକ୍ଷେପରେ

### ୪ରେ ଏକଦିବସୀୟ ଖୋ ଖୋ ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୩।୫:** ଆସନ୍ତା ମେ' ୪ରେ ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ୍‌ରେ ଏକଦିବସୀୟ ରାଜ୍ୟସ୍ତରୀୟ ଫ୍ଲଡ୍‌ଲାଇଟ୍ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ଏକ ପ୍ରସ୍ତୁତ ବୈଠକ ବୁଧବାର ଜିଲା ଆଥ୍‌ଲେଟିକ୍ ଆସୋସିଏଶନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟରଞ୍ଜନ ସ୍ପୋର୍ଟସ ଏକାଡେମୀ ସଭାପତି ସତ୍ୟବାନ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ରଞ୍ଜନ କୁମାର ସାହୁଙ୍କ ଦ୍ୱାରା ଆଗତ ଏସଂକ୍ରାନ୍ତ ଚିଠା ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାରିତ ହୋଇଛି। ଏକାଡେମୀର ପରାମର୍ଶଦାତା ମାନସ ରଞ୍ଜନ ହୋତା, ଅଶୋକ ସ୍ୱାଇଁ, ନର୍ମଦା ମହାପାତ୍ର, ସସ୍ମିତା ସ୍ୱାଇଁ, ସଭ୍ୟ ଅଚ୍ୟୁତ ସାହୁ, ସପନୀ ମହାଖୁଡ, ପଦୀ ଦଳେଇ, ପୂର୍ବତନ ଜିଲା କ୍ରୀଡ଼ା ଅଧିକାରୀ ଗିରିଜା ପ୍ରସାଦ ମହାନ୍ତି, ବରିଷ୍ଠ ଖେଳାଳି ପର୍ଶୁରାମ ମିଶ୍ର, ଅଭିଜିତ୍ ମିଶ୍ର, ସୁମିତ୍ରା ବିଶ୍ୱାଳ, ପ୍ରତାପ ମହାନ୍ତି, ଯୋଗେଶ ମହାପାତ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ସାତମାଇଲ, ୩।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲ ଜନତା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଅଜୟ କୁମାର ସୁବୁଦ୍ଧିଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ମହେଶ୍ୱର ପଟ୍ଟନାୟକ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କୁ ଶୁଭକାମନା ଜଣାଇବା ସହ ସଫଳତା କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣୀ ବିଭାଗ ଅଧାପିକା ଶାଶ୍ୱତୀ ସ୍ୱୟଂପ୍ରଭା ମୁଦୁଲି ଯୋଗଦେଇ ଶିକ୍ଷାନୁଷ୍ଠାନକୁ ନାକ୍ ମାନ୍ୟତା ମିଳିବାରେ ଛାତ୍ରୀଛାତ୍ରଙ୍କ ଅବଦାନ ରହିଛି ବୋଲି କହିଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧାପିକା ସ୍ନିଗ୍ଧାରାଣୀ ପାଳ ଧନ୍ୟବାଦ ଦେଇଥିଲେ।

### ବାଇକ୍‌ରୁ ଖସିପଡ଼ି ୩ ଗୁରୁତର

**ଭୁବନ, ୩।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ନୂଆଭୁବନ ଛକରେ ବୁଧବାର ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗଁଦିଆ ଥାନା କରମୂଳ ଗ୍ରାମର ମଞ୍ଜୁ ମଳିକ ଗୁରୁତର ହୋଇଛନ୍ତି। ସମ୍ପୃକ୍ତା ମହିଳାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପ୍ରଥମେ ଭୁବନ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କିଙ୍ଗୋଳ ଗ୍ରାମରେ ରହୁଥିବା ଝିଅ ଘରକୁ ଆସୁଥିବାବେଳେ ମଞ୍ଜୁଙ୍କ ସ୍କୁଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହିପରି ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ବୀରାଶାଳରୁ ଯାଜପୁର ଜିଲା ବୋତଲଣ୍ଡା ଗ୍ରାମକୁ ଯାଇଥିବା ୨ ବାଇକ୍ ଆରୋହୀ ବରଯାତ୍ରୀ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେମାନେ ହେଲେ ଅରଖପାଳ ଗ୍ରାମର ଗଗନ ତରାଇ ଓ ବମୁଆଁ ଗ୍ରାମର ବାପି ଖିଲାର। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବୋତଲଣ୍ଡା ଛକରେ ଉଭୟେ ବାଇକ୍‌ରୁ ଭାରସାମ୍ୟ ହରାଇ ଖସିପଡ଼ିଥିଲେ।

# ତାପଜ ବିଦ୍ୟୁତ୍ ପ୍ରକଳ୍ପ ତାତି ଶିଥିଳ



କ୍ଷତିଗ୍ରସ୍ତଙ୍କ ଲାଗି ନିର୍ମାଣ କରାଯାଇଥିବା ପୁନର୍ବସତି କଲୋନୀ।

**କାମାକ୍ଷାନଗର, ୩।୫(ଡି.ଏନ୍.ଏ.)**

- ଜମି ଅଧିଗ୍ରହଣ ସତ୍ତ୍ୱେ ଆଗକୁ ବଢୁନାହିଁ କାମ
- ୧୨ ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡ଼ିଛି
- ବିସ୍ଥାପିତ ଦ୍ୱନ୍ଦ୍ୱରେ, ଚାକିରି ପାଇଁ ଅନାଇ ବସିଛନ୍ତି

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ୭ଟି ଗ୍ରାମକୁ ନେଇ ଓଡ଼ିଶା ଥର୍ମାଲ ପାୱାର କର୍ପୋରେଶନ ଲିମିଟେଡ୍ (ଓଟିପିସିଏଲ୍) ପକ୍ଷରୁ ପ୍ରସ୍ତାବିତ ତାପଜ ବିଦ୍ୟୁତ୍ ପ୍ରକଳ୍ପରେ ଶିଥିଳତା ଦେଖାଦେଇଛି। ୨୦୧୧ରୁ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ଜମି ଅଧିଗ୍ରହଣ, ବିସ୍ଥାପିତଙ୍କ ଲାଗି ପୁନର୍ବାସ କଲୋନୀ ନିର୍ମାଣ କାର୍ଯ୍ୟ ସରିଛି। ହେଲେ ପ୍ଲାଣ୍ଟ ନିର୍ମାଣ ଲାଗି ଯେଉଁ ତତ୍ପରତା ଦେଖାଯିବା କଥା, ତାହା ପରିଲକ୍ଷିତ ହେଉନାହିଁ। ଇତିମଧ୍ୟରେ ଅଧିକାଂଶ ଜମିହରା ପରିବାର ଯଦିଓ ପ୍ରାପ୍ୟ ପାଇସାରିଲେଣି, ତଥାପି ପ୍ରକଳ୍ପ ହେଲେ ଚାକିରି ପାଇବେ ବୋଲି ସେମାନେ ଯେଉଁ ଆଶା ବାନ୍ଧିଥିଲେ ; ତାହା ଏବେ ମରି ମରି ଯାଉଥିବା ଅଭିଯୋଗ ହେଉଛି।

କାମାକ୍ଷାନଗର ବ୍ଲକ କୁସୁମଯୋଡ଼ି, କଣ୍ଟାପାଳ, କାଟେଣି, ଧୋବାବାହାଳି, ଅଁଳାବେରେଣୀ, ଆଲୁଅଝରଣ, ଅନ୍ନପୂର୍ଣ୍ଣା ଖମାର (ଖ) ଆଦି ୭ଟି ଗ୍ରାମକୁ ନେଇ ୩୨୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ତାପଜ ବିଦ୍ୟୁତ୍ ପ୍ରକଳ୍ପ କରିବାକୁ ରାଜ୍ୟ ସରକାର ଯୋଜନା କରିଥିଲେ। ସାଧାରଣ କୋଇଲାଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପଠାରୁ ଏହା ଭିନ୍ନ ହେବ। ଏଥିରେ ଅତ୍ୟାଧୁନିକ ସୁପର କ୍ରିଟିକାଲ ଜ୍ଞାନକୌଶଳ ଉପଯୋଗ କରାଯିବାକୁ ନିଷ୍ପତ୍ତି ହେବା ପରେ ପ୍ରକଳ୍ପର ସମ୍ପୂର୍ଣ୍ଣ ଦାୟିତ୍ୱ ଓଟିପିସିଏଲ୍‌କୁ ଦିଆଯାଇଥିଲା। ଏହି ତାପଜ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ପ୍ରାୟ ୭୯୭ ହେକ୍ଟର ଜମିର ଆବଶ୍ୟକତା ଥିଲା। ତନ୍ମଧ୍ୟରେ ୪୦୦ ହେକ୍ଟର ସରକାରୀ, ୪୪ ହେକ୍ଟର ଜଙ୍ଗଲ କିସମ ଏବଂ ୯୮୩ ଏକର ଘରୋଇ ଜମି ରହିଛି। ଇତିମଧ୍ୟରେ ୭୫୫.୨୨୫ ଏକର ଘରୋଇ ଜମି ଏବଂ ୬୩୫.୨୪୨ ଏକର ସରକାରୀ ଜମି ଓଟିପିସିଏଲ୍ ହାତକୁ ନେଇସାରିଛି। ଘରୋଇ ଜମି ମଧ୍ୟରୁ ଆଲୁଅଝରଣର ୧.୧୦, ଅଁଳାବେରେଣୀର ୭୪.୩୨, ଧୋବାବାହାଳିର ୫.୮୯, କାଟେଣିର ୨୫.୭୨, କଣ୍ଟାପାଳର ୪୫.୪୭, କୁସୁମଯୋଡ଼ିର ୨୩୨.୩୧, ଅନ୍ନପୂର୍ଣ୍ଣା ଖମାର (ଖ)ର ୩୮୧.୪୧୫ ଏକର ଜମି ଅଧିଗ୍ରହଣ ହୋଇଛି। ପ୍ରକଳ୍ପରେ ବିସ୍ଥାପିତ ହେବାକୁ ଥିବା ଅନ୍ନପୂର୍ଣ୍ଣା ଖମାର (ଖ) ଗ୍ରାମର ୧୩୩ ପରିବାର ଲାଗି ପୁନର୍ବାସ ଓ ଥଇଥାନ କଲୋନୀ ନିର୍ମାଣ କରାଯାଇଛି। ବଜାର ନିମନ୍ତେ ଜମି ଅଧିଗ୍ରହଣ ଶେଷ ହୋଇ ପାଚେରି ନିର୍ମାଣ କାମ ସରିଛି। ହେଲେ ପ୍ରକଳ୍ପ କାମ କେବଳ ଜମି ଅଧିଗ୍ରହଣ, ପୁନର୍ବାସ କଲୋନୀ ନିର୍ମାଣ ଏବଂ ସୀମିତ ଭିତ୍ତିଭୂମି ବିକାଶରେ ଅଟକି ରହିଛି। କାମାକ୍ଷାନଗର ତହସିଲ କାର୍ଯ୍ୟାଳୟ ପରିସରରେ ଜମି ଅଧିଗ୍ରହଣ ବାବଦ ପ୍ରାପ୍ୟ ପ୍ରଦାନ ଲାଗି ଏକ ଅସ୍ଥାୟୀ କାର୍ଯ୍ୟାଳୟ ଥିଲେ ମଧ୍ୟ ଅଧିକାରୀଙ୍କ ନିକଟରେ ପ୍ରକଳ୍ପ ନିର୍ମାଣ ସମ୍ପର୍କିତ କୌଣସି ତଥ୍ୟ ନାହିଁ। ଅଧିକୃତ ଜମିରେ ପ୍ରକଳ୍ପ ନିର୍ମାଣ ପାଇଁ ଇଟା ଖଣ୍ଡେ ମଧ ପଡ଼ିନାହିଁ। ପୁନର୍ବସତି ଥଇଥାନ ନୀତି–୨୦୦୬ ଅନୁଯାୟୀ କୌଣସି ପ୍ରକଳ୍ପରେ ଜମି ହରାଇଥିବା ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବାକୁ ନିୟମ ରହିଛି। ହେଲେ ଓଟିପିସିଏଲ୍ ପକ୍ଷରୁ ପ୍ରସ୍ତାବିତ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ୭ ଗ୍ରାମର ପରିବାର କମ୍ପାନୀ ହାତକୁ ଜାଗା ଟେକିଦେଇ ଆଶା ଆଶଙ୍କାରେ ଦିନ ବିତାଉଛନ୍ତି।

ଏ ନେଇ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କୁହନ୍ତି, ପ୍ରକଳ୍ପ ନିର୍ମାଣ କରାଯିବା ଉପରସ୍ତରର ନିଷ୍ପତ୍ତି। ଆମେ କେବଳ ଉପରୁ ଆସୁଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ରହିଛୁ। କମ୍ପାନୀ ହେବ କି ନାହିଁ, ସେ ନିଷ୍ପତ୍ତି ସରକାର ନେବେ। ହେଲେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପ୍ରାୟ ସରିଛି। ପୁନର୍ବସତି କଲୋନୀ ନିର୍ମାଣ ହୋଇଛି। ଓଟିପିସିଏଲ୍ ପକ୍ଷରୁ ପ୍ରକଳ୍ପ ନିର୍ମାଣ ନ ହେଲେ ଓଟିପିସିଏଲ୍ ମାଧ୍ୟମରେ ଅନ୍ୟ କମ୍ପାନୀ ଆସି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବେ ବୋଲି ଅନୁମାନ କରାଯାଉଛି।

## ଫେରିଲା ଆର୍‌ଏସ୍‌ବି ଭୟ

କାମାକ୍ଷାନଗର ବ୍ଲକରେ ଓଟିପିସିଏଲ୍ ପକ୍ଷରୁ ପ୍ରସ୍ତାବିତ ତାପଜ ବିଦ୍ୟୁତ୍ ପ୍ରକଳ୍ପର କଚ୍ଛପ ଗତି ସମାଟାଙ୍ଗୀ ଗ୍ରାମର ଆର୍‌ଏସ୍‌ବି ଲିମିଟେଡ୍ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ବିଫଳତା ଘଟଣାକୁ ମନେ ପକାଇଦେଇଛି। କାମାକ୍ଷାନଗର କାଦୁଆ ପଞ୍ଚାୟତର ସମାଟାଙ୍ଗୀ ଗ୍ରାମରେ ଆର୍‌ଏସ୍‌ବି ଲିମିଟେଡ୍ ଏକ ଆଲୁମିନିୟମ୍ କମ୍ପାନୀ ଲାଗି ୨୦୧୩ ଜୁଲାଇ ୨୨ରେ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ଏଥିଲାଗି କମ୍ପାନୀ ପ୍ରାୟ ୧୫୦୦ ଏକର ଜମି ଲୋକଙ୍କଠାରୁ କିଣିନେଇଥିଲା। ତେବେ କୌଣସି କାରଣରୁ କମ୍ପାନୀ ପ୍ରକଳ୍ପରୁ ଓହରିଗଲା। ପ୍ରକଳ୍ପ ତ ହେଲାନାହିଁ, ଓଲଟି କମ୍ପାନୀ କିଣିଥିବା ଜମିକୁ କେତେଜଣ ରାଜନେତା, ସରକାରୀ ଅଧିକାରୀ, ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଶାଗମାଛ ଦରରେ ବିକ୍ରି କରିଦେଲା। ଏହାକୁ ନେଇ ଜମିହରାଙ୍କ ମଧ୍ୟରେ ଏବେ ବି ପୁଞ୍ଜିଭୂତ ଅସନ୍ତୋଷ ଲାଗିରହିଛି। ଏବେ ଓଟିପିସିଏଲ୍ ପ୍ରକଳ୍ପ କାର୍ଯ୍ୟକାରିତାକୁ ନେଇ ଆଶଙ୍କା ଦେଖାଦେଇଥିବାବେଳେ ଜମିହରା ପରିବାର ଆର୍‌ଏସ୍‌ବି ଘଟଣାକୁ ମନେପକାଇ ଆଶା ଆଶଙ୍କାରେ ଦିନ ବିତାଉଛନ୍ତି।




# 'ସହଯୋଗ ମିଳିଲେ ଭୁବନ ହେବ ଶ୍ରେଷ୍ଠ ଏନ୍ଏସି'

- ୪୦ ପ୍ରକଳ୍ପରୁ ୨୭ ସମ୍ପୂର୍ଣ୍ଣ, ୮ଟିର କାମ ଆରମ୍ଭ
- ମୁକ୍ତା ଯୋଜନାରେ ଅନିୟମିତତା ଅଭିଯୋଗ
- ଯୋଗାଣ ବ୍ୟବସ୍ଥାରେ ସ୍ୱଚ୍ଛତା ଦାବି

**ଭୁବନ, ୩।୫(ଡି.ଏନ.ଏ.)**


ବୈଠକରେ ଏମ୍‌ପି, ନଗରପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା ଭୁବନ ଏନ୍ଏସିର ୭ମ ବୈଠକ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ଏକଚ୍ଛତ୍ରବାଦ ମନୋଭାବଠାରୁ ଦୂରରେ ରହି ସମସ୍ତ କାଉନ୍‌ସିଲରଙ୍କ ସହଯୋଗରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରାଗଲେ ଭୁବନ ଏନ୍ଏସି ଶ୍ରେଷ୍ଠ ହୋଇପାରିବ।

ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବିଗତ ବୈଠକରେ ପ୍ରସ୍ତାବିତ ୪୦ଟି ପ୍ରକଳ୍ପ ମଧ୍ୟରୁ ୨୭ଟିର କାର୍ଯ୍ୟ ଶେଷ ହୋଇଛି। ୮ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଅବଶିଷ୍ଟ ୫ ପ୍ରକଳ୍ପ କାମ ଯେପରି ତ୍ୱରାନ୍ୱିତ ହୋଇପାରିବ, ସେ ନେଇ ଆଲୋଚନା କରାଯାଇଥିଲା। କାଉନ୍‌ସିଲର ଗିରିଧାରୀ ସାହୁ ଆଲୋଚନାରେ ଭାଗନେଇ କହିଲେ, ୧ନଂ. ୱାର୍ଡରେ ନିର୍ମାଣ ହୋଇଥିବା ରାସ୍ତାକୁ ଜନସ୍ୱାସ୍ଥ୍ୟ ବିଭାଗ ଠିକାଦାର ଭାଙ୍ଗି ଦେଇଛନ୍ତି। ଏନ୍ଏସି କର୍ତ୍ତୃପକ୍ଷଙ୍କ ଅଗୋଚରରେ ଏଭଳି କାର୍ଯ୍ୟ କରାଯାଇଥିବାବେଳେ ସରକାରୀ ଅର୍ଥ ପାଣିରେ ପଡ଼ିଛି। ଏଥିଲାଗି ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ବିରୋଧରେ ଏଭଳି ଅଭିଯୋଗ ଆସିଥିବାବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବୈଠକରେ ଅନୁପସ୍ଥିତ ଥିଲେ, ଯାହାକୁ କାଉନ୍‌ସିଲରମାନେ ତୀବ୍ର ନିନ୍ଦା କରିଥିଲେ।

୬ନଂ. ୱାର୍ଡ କାଉନ୍‌ସିଲର ସୁଶାନ୍ତ କୁମାର ନାୟକ 'ମୁକ୍ତା ଯୋଜନା'ରେ ହୋଇଥିବା ଅନିୟମିତତା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଲେ, ମୁକ୍ତା ଯୋଜନାରେ ବର୍ଷାଜଳ ସଂରକ୍ଷଣ ପାଇଁ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏବେ ଉକ୍ତ ପ୍ରକଳ୍ପ ଭାଙ୍ଗି ସେହି ସ୍ଥାନରେ ଅନ୍ୟ ନିର୍ମାଣ କାମ ହୋଇଛି। ଏଥିରେ ସରକାରୀ ଅର୍ଥର ଅପଚୟ ହୋଇଛି। ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ୯ନଂ. ୱାର୍ଡ କାଉନସିଲର ପପୁ କୁମାର ସାହୁ ଠିକାଦାରଙ୍କ ଦ୍ୱାରା ହେଉଥିବା ନିମ୍ନମାନର ରାସ୍ତାକାମକୁ ନେଇ ଆପତ୍ତି ଉଠାଇଥିଲେ। ଏଥିସହ ଯୋଗାଣ ସାମଗ୍ରୀ ବଣ୍ଟନରେ ସ୍ୱଚ୍ଛତା ଆଣିବାକୁ ପରାମର୍ଶ ଦେଇଥିଲେ। ୧୩ନଂ.ୱାର୍ଡ କାଉନ୍‌ସିଲର ମନମୋହନ ସାହୁ ଜନପ୍ରତିନିଧିଙ୍କ ଜ୍ଞାତସାରରେ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ୫୩ନଂ. ଜାତୀୟ ରାଜପଥର ନୀଳମାଧବ ପେଟ୍ରୋଲ ପମ୍ପଠାରୁ କୋର୍ଟଛକ ପର୍ଯ୍ୟନ୍ତ ହେଉଥିବା ୨ ଥାକିଆ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେଇଥିବାରୁ ନଗରପାଳଙ୍କୁ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ପାନୀୟ ଜଳଯୋଗାଣ, ପରିମଳ ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।

ବୈଠକରେ ଉପାଧକ୍ଷା ମାନିନୀ ସାହୁ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ପ୍ରତିନିଧି ଭାବେ ନରେନ୍ଦ୍ର କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ, ଶକ୍ତିପ୍ରସାଦ ସାହୁଙ୍କ ସମେତ ଏନ୍ଏସିର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଶିକ୍ଷାର୍ଥୀଙ୍କ ପାଇଁ ଟୋଲ୍ ଫ୍ରି ନମ୍ବର ଜାରି

**ଢେଙ୍କାନାଳ ଅଫିସ, ୩।୫**

ଗ୍ରୀଷ୍ମ ଅବକାଶ ସମୟରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀଙ୍କ ଶିକ୍ଷାଦାନକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଛାତ୍ରୀଛାତ୍ରଙ୍କୁ ସହାୟତା ଯୋଗାଇ ଦେବା ଲାଗି ଢେଙ୍କାନାଳ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଏକ ସହାୟତା କେନ୍ଦ୍ର ଖୋଲାଯାଇଛି। ଏଥିସହ ଟୋଲ ଫ୍ରି ନମ୍ବର ୧୮୦୦-୩୪୫-୭୫୨୨ ଜାରି କରାଯାଇଛି। ଉକ୍ତ ସହାୟତା କେନ୍ଦ୍ରରେ ପାଠ୍ୟକ୍ରମ ସମ୍ବନ୍ଧୀୟ ସରଳ ସମାଧାନ ପାଇଁ ଅଭିଜ୍ଞ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ସେମାନେ ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶିକ୍ଷା ସମ୍ପର୍କିତ ସହାୟତା ପ୍ରଦାନ କରିବେ। ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇବେ। ଏଥିସହ ଅବସରକାଳୀନ ହୋମ୍‌ୱାର୍କର ତଦାରଖ କରିବେ। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ଏହାର ଶୁଭାରମ୍ଭ କରିଛନ୍ତି। ରବିବାର ଓ ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଏହି ଟୋଲ ଫ୍ରି ନମ୍ବରର ବ୍ୟବହାର କରି ଆବଶ୍ୟକ ସହାୟତା ନେଇହେବ। ଶିକ୍ଷାର୍ଥୀମାନେ ଏହାର ସଦୁପଯୋଗ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।



ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଖୋଲାଯାଇଥିବା ସହାୟତା କେନ୍ଦ୍ର।

# କପିଳାସ ମନ୍ଦିର ପ୍ରତିଷ୍ଠା ଉତ୍ସବ


କପିଳାସ ପୀଠ।

**ଢେଙ୍କାନାଳ ଅଫିସ, ୩।୫**

ପ୍ରସିଦ୍ଧ ଶୈବକ୍ଷେତ୍ର କପିଳାସ ମନ୍ଦିରର ପ୍ରତିଷ୍ଠା ଉତ୍ସବ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ସହ ପୀଠାଧିଶ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ମା' ପାର୍ବତୀ, ମନ୍ଦିରର ପାର୍ଶ୍ୱ ଦେବଦେବୀଙ୍କ ଆସ୍ଥାନରେ ସ୍ୱତନ୍ତ୍ର ଭାବେ ପୂଜା କରାଯାଇଥିଲା। ଦେବଦେବୀଙ୍କଠାରେ ନୂତନ ବସ୍ତ୍ର ଲାଗି କରାଯିବା ସହ ହୋମଯଜ୍ଞ ହୋଇଥିଲା। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଭାଗନେଇଥିଲେ। ଏହି ଐତିହ୍ୟସମ୍ପନ୍ନ ପ୍ରାଚୀନ ମନ୍ଦିରର ପ୍ରତିଷ୍ଠା ୧୨୩୯ ଖ୍ରୀଷ୍ଟାବ୍ଦରେ ସମାନ ତିଥିରେ ହୋଇଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି।

# ୭ ବର୍ଷରେ ୨,୨୯୩ ଶିଶୁ ମୃତ

**ଢେଙ୍କାନାଳ ଅଫିସ, ୩।୫**

- ସୂଚନା ଅଧିକାର ତଥ୍ୟରୁ ପଦାରେ ପଡ଼ିଲା ଅପାରଗତା
- ଯୋଜନାକୁ ନେଇ ପ୍ରଶ୍ନ ଉଠାଇଲେ ପୂର୍ବତନ ବିଧାୟକ
- ଅଭିଯୋଗକୁ ଖଣ୍ଡନ କଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ




ଢେଙ୍କାନାଳ ଜିଲାରେ ଗତ ୭ ବର୍ଷରେ ୨,୨୯୩ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଛି। ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିବା କହୁଥିବାବେଳେ ଶିଳ୍ପ ଜିଲାରେ ଶିଶୁ ମୃତ୍ୟୁର ଏଭଳି ସଙ୍ଗିନ ଚିତ୍ର ବାସ୍ତବତାକୁ ପଦାରେ ପକାଇଛି। ଏଥିଲାଗି ସ୍ୱାସ୍ଥ୍ୟ ବିଭାଗରେ କର୍ମଚାରୀ ମରୁଡ଼ି, ଉପଯୁକ୍ତ ଚିକିତ୍ସା ଏବଂ ଭିତ୍ତିଭୂମି ଅଭାବକୁ ଦାୟୀ କରିଛନ୍ତି ପୂର୍ବତନ ବିଧାୟକ ତଥା ଭାରତ ରାଷ୍ଟ୍ରୀୟ ସମିତି (ବିଆର୍‌ଏସ୍) ନେତା ନବୀନ ନନ୍ଦ।

ଆର୍‌ଟିଆଇରେ ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ଜିଲାରେ ୨୦୧୬–୧୭ରେ ୩୯୮, ୨୦୧୭–୧୮ରେ ୨୭୩, ୨୦୧୮–୧୯ରେ ୨୯୫, ୨୦୧୯–୨୦ରେ ୪୦୬, ୨୦୨୦–୨୧ରେ ୩୭୨, ୨୦୨୧–୨୨ରେ ୩୧୭, ୨୦୨୨–୨୩ ଜାନୁୟାରୀ ୨୩ ସୁଦ୍ଧା ୨୩୨ ଶିଶୁଙ୍କ ମୃତ୍ୟୁ ଘଟିଛି। ଏଭଳି ଶିଶୁମୃତ୍ୟୁ ଜିଲାର ଚିକିତ୍ସା ସେବାରେ ରହିଥିବା ଦୁର୍ବଳତାକୁ ପଦାରେ ପକାଇଦେଇଛି। ରାଜ୍ୟରେ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିବା ନେଇ ସରକାର ଯେଉଁ ଦାବି କରୁଛନ୍ତି, ତାହା ବାସ୍ତବତାଠାରୁ ଯୋଜନ ଯୋଜନ ଦୂରରେ ବୋଲି ପୂର୍ବତନ ବିଧାୟକ ନନ୍ଦ ଅଭିଯୋଗ କରିଛନ୍ତି।

ଜିଲାରେ ସୁରକ୍ଷିତ ପ୍ରସବ, ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଜନନୀ ସୁରକ୍ଷା ଯୋଜନା, ସୁରକ୍ଷିତ ମାତୃତ୍ୱ ଲାଗି ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ୨୦୧୫–୧୬ରୁ 'ସମ୍ପୂର୍ଣ୍ଣା ଯୋଜନା' କାର୍ଯ୍ୟକାରୀ ହେଉଥିବାବେଳେ ଏହା ଅଧୀନରେ ବର୍ଷତମାମ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଜାରି ରହିଥିବା କୁହାଯାଉଛି। ଜିଲା ଚିକିତ୍ସାଳୟରେ ସ୍ପେଶାଲ ନ୍ୟୁବର୍ନ ବେବି କେୟାର ୟୁନିଟ୍ (ଏସ୍‌ଏନ୍‌ସିୟୁ) ରହିଛି। ଏହାକୁ ବାଦ୍‌ଦେଲେ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମିତ ଶିଶୁ ତଥା କମ୍ ଓଜନର ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଓ ପରାମର୍ଶ ଯୋଗାଇ ଦେବାକୁ କାମାକ୍ଷାନଗର ଏବଂ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ନ୍ୟୁଟ୍ରିସିୟନ ରିହାବିଲେଟେଶନ ସେଣ୍ଟର (ଏନ୍‌ଆର୍‌ସି) କାର୍ଯ୍ୟକ୍ଷମ ହୋଇଛି। ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ୨୦୧୬ରୁ ୨୦୨୩ ମଧ୍ୟରେ ଏ ବାବଦରେ ୩୩ ଲକ୍ଷ ୬୯ ହଜାର ୨୮୬ ଟଙ୍କା, କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ସମାନ ସମୟରେ ୩୧ ଲକ୍ଷ ୪୪ ହଜାର ୮୧୨ ଟଙ୍କା ଖର୍ଚ୍ଚ କରାଯାଇଥିବା ତଥ୍ୟ କହୁଛି। ତଥାପି ଶିଶୁ ମୃତ୍ୟୁହାରର ଏଭଳି ଚିନ୍ତାଜନକ ଚିତ୍ର ଯୋଜନାର ଠିକ୍ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଢେଙ୍କାନାଳ ଜିଲାବାସୀଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା, ଖାଲି ପଡ଼ିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ ସହ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ କରିବା ପାଇଁ ପୂର୍ବତନ ବିଧାୟକ ନନ୍ଦ ଦାବି କରିଛନ୍ତି।

ଅନ୍ୟପଟେ ପୂର୍ବତନ ବିଧାୟକଙ୍କ ଏଭଳି ଅଭିଯୋଗକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡ. ଅଶୋକ କୁମାର ଦାସ ଖଣ୍ଡନ କରିଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି, ଜିଲାରେ ଶିଶୁ ମୃତ୍ୟୁହାର ବଢ଼ିନାହିଁ। ଆସୁଥିବା ସରକାରୀ ଅନୁଦାନ ଠିକ୍ ଭାବେ ଖର୍ଚ୍ଚ କରାଯାଉଛି।

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ୩ ଗିରଫ

**ଅନୁଗୋଳ ଅଫିସ, ୩।୫:** ଅନୁଗୋଳ ଜିଲା ନାଲ୍‌କୋ ପୋଲିସ ୭.୪୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଳରାମ ପ୍ରସାଦର ନଗେନ ବେହେରା(୩୨), ପିଙ୍ଗୁଆର ସାଗର ଭୂତିଆ(୨୩) ଓ ପିଙ୍ଗାଧର ମହାପାତ୍ର। ଅନ୍ୟ ଜଣେ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଥିବା ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଲିକ ସୂଚନା ଦେଇଛନ୍ତି। ପୋଲିସ କହିଛି, ବଳରାମପ୍ରାସାଦ ଆଶ୍‌ପଣ୍ଡ ନିକଟରେ ଥିବା ବଣଭୋଜି ସ୍ଥଳରେ ବ୍ରାଉନ ସୁଗାର ବ୍ୟବସାୟ ଚାଲିଥିବା ନେଇ ସୂଚନା ମିଳିଥିଲା। ତୁରନ୍ତ ସେଠାରେ ଚଢ଼ାଉ କରାଯାଇ ବ୍ରାଉନସୁଗାର ଜବତ କରାଯାଇଥିଲା। ବଅଁରପାଳ ଆଡିଶନାଲ ତହସିଲଦାର ସୁଶାନ୍ତ ନାୟକଙ୍କ ଉପସ୍ଥିତିରେ ବ୍ରାଉନସୁଗାର ଓଜନ କରାଯିବା ପରେ ତାହାକୁ ସିଲ୍ କରାଯାଇଥିଲା। ଅଭିଯୁକ୍ତଙ୍କ ଠାରୁ ୨ଟି ମୋଟର ସାଇକେଲ ଓ ୭୯୦୦ ଟଙ୍କା ଜବତ କରାଯାଇଥିବା ପୋଲିସ ପ୍ରକାଶ କରିଛି।

# ଶ୍ରମିକଙ୍କ ନାମ ପଞ୍ଜୀକରଣ ଉପରେ ଗୁରୁତ୍ୱ


ଶ୍ରମିକ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ ଅଧିକାରୀମାନେ।

**ଅନୁଗୋଳ ଅଫିସ, ୩।୫**

ଅନୁଗୋଳ ସଭାଘରଠାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପବାଚସ୍ପତି କହିଥିଲେ, ନିର୍ମାଣ ଶ୍ରମିକ ଏବଂ ଅଣସଙ୍ଗଠିତ ଶ୍ରମିକଙ୍କ ପାଇଁ ସରକାର ବହୁ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିଥିବାରୁ ପ୍ରତ୍ୟେକ କର୍ମଜୀବୀ ବ୍ଲକସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ନିଜର ପରିଚୟପତ୍ର ସହ ମୋବାଇଲ ନମ୍ବର ସରକାରଙ୍କ ନିକଟରେ ଦାଖଲ କରିବା ଜରୁରୀ। ଏହାଦ୍ୱାରା ଅଘଟଣ ସମୟରେ ସରକାରଙ୍କ ସହାୟତା ସମ୍ପୃକ୍ତ କର୍ମଜୀବୀ ପାଇପାରିବେ। ଅନ୍ୟତମ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ସରକାରୀ ଯୋଜନା କିପରି ସମସ୍ତ ଶ୍ରମିକଙ୍କ ନିକଟରେ ପହଞ୍ଚିପାରିବ ତାହା ସୁନିଶ୍ଚିତ କରିବାକୁ ସରକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାସ ବେହେରା ସରକାରଙ୍କ ନିକଟରେ ଶ୍ରମିକଙ୍କ ନାମ ଓ ଠିକଣା ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଠିକ୍ ଭାବେ ନାମ ପଞ୍ଜୀକରଣ ହୋଇଥିବାରୁ ଯୁଦ୍ଧଗ୍ରସ୍ତ ସୁଦାନରୁ ୬ଜଣ ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର କରାଯାଇପାରିଥିବା ସୂଚନା ଦେଇଥିଲେ। ଜିଲା ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲାରେ ମୋଟ ୫୧ ହଜାର ୬୮୫ ଜଣ ଶ୍ରମିକ ପଞ୍ଜୀକୃତ ହୋଇଥିବା ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଶିଳ୍ପାନୁଷ୍ଠାନର ଟ୍ରେଡ୍ ୟୁନିୟନ କର୍ମକର୍ତ୍ତା, ଅନୁଗୋଳ ଶ୍ରମ ଜିଲାରୁ ଆସିଥିବା ମହିଳା ପୁରୁଷ ଶ୍ରମିକ, ଜିଲା ଶ୍ରମ ବିଭାଗ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ସୁରକ୍ଷା କର୍ମୀମାନେ ଉପସ୍ଥିତ ଥିଲେ।

# ବଜ୍ରପାତରେ ୨ ଚାଷୀଙ୍କ ମୃତ୍ୟୁ

**ପାଲଲହଡ଼ା/ ଖମାର, ୩।୫ (ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଥାନା କରଡ଼ାପାଳ ପଞ୍ଚାୟତ ସହର ଗୁରୁଜାଙ୍ଗ ଗ୍ରାମରେ ବୁଧବାର ବଜ୍ରପାତ ଯୋଗୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ଗଣେଶ୍ୱର ସାହୁଙ୍କ ପୁଅ ମଦନ ସାହୁ (୪୬) ଓ ଅର୍ଜୁନ ଦେହୁରୀଙ୍କ ପୁଅ ଧନେଶ୍ୱର ଦେହୁରୀ (୫୦)। ତାଙ୍କ ସହ ଥିବା ବିପିନ ବେହେରା ଆହତ ହୋଇଛନ୍ତି। ତାଙ୍କୁ ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ସହର ଗୁରୁଜାଙ୍ଗ ଗ୍ରାମର ୩ ଜଣ ଯୁବ ଚାଷୀ ମଦନ, ଧନେଶ୍ୱର ଓ ବିପିନ ଚାଷ କାର୍ଯ୍ୟ ପାଇଁ ଜମି ସଜାଡୁଥିବା ବେଳେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିଲା। ଏଥିରୁ ବର୍ତ୍ତିବା ପାଇଁ ସେମାନେ ନିକଟସ୍ଥ ଏକ ଗଛମୂଳେ ଆଶ୍ରୟ ନେଇଥିବା ସମୟରେ ସେଠାରେ ବଜ୍ରପାତ ହୋଇଥିଲା। ପରିବାର ଲୋକେ ୩ ଜଣଙ୍କୁ ପାଲଲହଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମଦନ ଓ ଧନେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ୨ଜଣଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଘଟଣା ସମ୍ପର୍କରେ ଜାଣିବା ପରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ପାଲଲହଡା ବିଧାୟକ ମୁକେଶ ପାଲ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।


ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଏମ୍‌ପି ଓ ବିଧାୟକ ପହଞ୍ଚିଛନ୍ତି।

# ଉନ୍ନୟନ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**ଛେଣ୍ଡିପଦା,୩।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ବାପୁଜୀ ମହାବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ଜାରି ରହିଛି। ସରକାରଙ୍କ ବିଭିନ୍ନ ଯୋଜନାରୁ ହେଉଥିବା ଏହି କାର୍ଯ୍ୟକୁ ବୁଧବାର ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର ବେହେରା ବୁଲି ଦେଖିଛନ୍ତି। ବେହେରାଙ୍କ ସହ ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମରା ମହାବିଦ୍ୟାଳୟରେ ପହଞ୍ଚିବା ପରେ ପରିଚାଳନା କମିଟିର ସଭାପତି ଡ. ବାମାକାନ୍ତ ଗଡନାୟକ, ଅଧ୍ୟକ୍ଷ ଅମିତ କୁମାର ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ଲୋକନାଥ ସାହୁ ଓ ଡ.ବଳରାମ ସାହୁ, ପରିଚାଳନା କମିଟି ସଦସ୍ୟ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଥମେ ମହାବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ କଲେଜ ପ୍ରତିଷ୍ଠାତା ବାଳକୃଷ୍ଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲା ଖଣିଜ ପାଣ୍ଠିରୁ ନିର୍ମିତ ଗୃହ, ଗ୍ରନ୍ଥାଗାର ଆଦି ଗୃହ ବୁଲି ଦେଖି ଶୀଘ୍ର କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଡମଣ୍ଡଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।


ମହାବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ବୁଲି ଦେଖୁଛନ୍ତି ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ।

# ଅଶ୍ଳୀଳ ଫଟୋ ଛାଡ଼ି ଯୁବକ ଗିରଫ

**ଅନୁଗୋଳ ଅଫିସ, ୩।୫**

ଅନୁଗୋଳ ସଦର ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିବା ଅଭିଯୋଗରେ ଅନୁଗୋଳ ପୋଲିସ ଛେଣ୍ଡିପଦା ଥାନା ବାଲିନାଳୀ ଅଞ୍ଚଳର ସୁଶାନ୍ତ କୁମାର ସାହୁ(୨୦)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ମୋବାଇଲ ଜବତ କରାଯାଇଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ପୋଲିସ କହିଛି, ସମ୍ପୃକ୍ତା ମହିଳା ଗତ ଜାନୁୟାରୀରେ ବିବାହ କରିଥିଲେ। କିନ୍ତୁ ଏହା ପୂର୍ବରୁ ତାଙ୍କୁ ଅଭିଯୁକ୍ତ ସୁଶାନ୍ତ ଏକତରଫା ପ୍ରେମ କରୁଥିଲେ। ମହିଳା ଜଣକ ବିବାହ କରିଯିବା ପରେ ସୁଶାନ୍ତ ସୋସିଆଲ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲି ମହିଳାଙ୍କ ସ୍ୱାମୀଙ୍କ ନିକଟକୁ ମହିଳାଙ୍କ ଅଶ୍ଳୀଳ ଫଟୋ ପଠାଉଥିଲେ। ଏ ନେଇ ସମ୍ପୃକ୍ତା ମହିଳା ଥାନାରେ ଅଭିଯୋଗ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ସମ୍ପର୍କରେ ଆଲୋଚନା

**ଛେଣ୍ଡିପଦା,୩।୫(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ରାମଚଣ୍ଡୀଙ୍କ ପ୍ରାର୍ଥନା ମଣ୍ଡପରେ ଗ୍ରାମର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ସଭାପତି ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ଉପରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ସରକାର କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରିଥିବାରୁ ଗ୍ରାମବାସୀ ଓ ଅଞ୍ଚଳବାସଙ୍କ ତରଫରୁ ସଂଗୃହୀତ ୫ ହଜାରରୁ ଅଧିକ ଦସ୍ତଖତ ସମ୍ବଳିତ ଧନ୍ୟବାଦ ପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆମ ହସ୍ପିଟାଲ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପରେ କେତେକ ଗୋଷ୍ଠୀ ଏହାକୁ ବିରୋଧ କରୁଥିବାରୁ ପ୍ରାୟ ୧୫ରୁ ଅଧିକ ପଞ୍ଚାୟତର ଗ୍ରାମବାସୀଙ୍କୁ ନେଇ ଏହାର ପ୍ରତିବାଦ କରାଯିବ ବୋଲି ଆଲୋଚନା ହୋଇଥିଲା। ଆସନ୍ତା ସୋମବାର ଉକ୍ତ ପଞ୍ଚାୟତ ଗୁଡ଼ିକରୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଡକାଯାଇ ପୁନର୍ବାର ଆଲୋଚନା କରାଯିବ ବୋଲି ସ୍ଥିର କରାଯାଇଥିଲା।


ମା'ରାମଚଣ୍ଡୀଙ୍କ ପ୍ରାର୍ଥନା ମଣ୍ଡପରେ ବସିଥିବା ବୈଠକରେ ଉପସ୍ଥିତ ଗ୍ରାମବାସୀ।

# ହକ୍ ପାଇଁ ଐକ୍ୟବଦ୍ଧ ହୁଅ

**ଅନୁଗୋଳ ଅଫିସ, ୩।୫**

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଅନୁଗୋଳ ଜିଲା ଅଫିସରେ ଶ୍ରମିକ ଦିବସ ପାଳନ କରାଯାଇଛି। ଜିଲା କମିଟି ସଭ୍ୟ ବ୍ରଜବନ୍ଧୁ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସଙ୍ଗଠନର ଅନ୍ୟତମ ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ ଶ୍ରମିକ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ବର୍ତ୍ତମାନ ଶ୍ରମିକମାନଙ୍କ ଉପରେ ହେଉଥିବା ନାନାବିଧ ଆକ୍ରମଣ ବିରୋଧରେ ଐକ୍ୟବଦ୍ଧ ହୋଇ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଦଳର ଜିଲା କମିଟି ସଭ୍ୟ ସୁବାସ ପ୍ରଧାନ, ମାନସ ପାଳଙ୍କ ସମେତ ବିଷ୍ଣୁ ସାହୁ, ନିରଞ୍ଜନ ନାୟକ, କୁମର ସାହୁ, ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଶ୍ରମିକ ଦିବସ ପାଳନ କରାଯାଉଛି।

# ଧାର୍ଯ୍ୟ ସମୟରେ ହେଉ ସମିତି ବୈଠକ



ପଞ୍ଚାୟତ ସମିତିର ତୃତୀୟ ସାଧାରଣ ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀ।

**ଆଠମଲ୍ଲିକ, ୩।୫ (ଡି.ଏନ.ଏ.)**

ଆଠମଲ୍ଲିକ ପଞ୍ଚାୟତ ସମିତିର ତୃତୀୟ ସାଧାରଣ ବୈଠକ ବୁଧବାର ସ୍ଥାନୀୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ ଅତିଥି ପରିଚୟ କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା ବୈଠକରେ ସଭାପତିତ୍ୱ କରିଥିଲେ। ଜିପିଓ ସୁଚିସ୍ମିତା ମହାପାତ୍ର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁଃଶାସନ ରାଉଳ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ଆଠମଲ୍ଲିକ ବିଧାୟକଙ୍କ ପ୍ରତିନିଧି ଘାସିରାମ ମହାକୁଡ଼ ଉପସ୍ଥିତ ଥିଲେ। ବୈଠକରେ ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଦସ୍ୟଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ। ପୂର୍ବ ବୈଠକରେ ଆଗତ ପ୍ରସ୍ତାବଗୁଡିକ ସମସ୍ତଙ୍କ ମତାମତ ପରେ ଦୃଢ଼ୀକରଣ କରାଯାଇଥିଲା। ଦୀର୍ଘଦିନରୁ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ପ୍ରକଳ୍ପଗୁଡିକ କେମିତି ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ସମସ୍ତ ବୈଠକରେ ଜନପ୍ରତିନିଧି ଉପସ୍ଥିତ ରହିବା ପାଇଁ ମଧ୍ୟ ତାଗିଦ କରାଯାଇଥିଲା। ଏଥିସହ ଠିକ ସମୟରେ ସମିତି ବୈଠକ ଡକା ଯାଉ ନ ଥିବାରୁ ବିଧାୟକଙ୍କ ପ୍ରତିନିଧି ମହାକୁଡ଼ କ୍ଷୋଭ ପ୍ରକାଶ କରିଥିଲେ। ଉପସ୍ଥିତ ଜନପ୍ରତିନିଧି ପ୍ରତି ୨ ମାସରେ ଥରେ ସମିତି ବୈଠକ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

# ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବଇଣ୍ଡା, ୩।୫ (ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ କୁସୁଣି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ଣ୍ଣ ସାହୁ ରବିବାର ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ସୋମବାର ବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଜଏରାଟ କ୍ଲଷ୍ଟରର ସିଆର୍‌ସିସି ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଶିକ୍ଷକ ଦୈତାରୀ ପ୍ରଧାନ, ଅଖିଳ କୁମାର ପ୍ରଧାନ, ଦେବେନ୍ଦ୍ର ମିର୍ଦ୍ଧା, ନିହାର ରଞ୍ଜନ ଦେଓ, ହରିହର ନାୟକ, ବ୍ରହ୍ମାନନ୍ଦ ମହାନନ୍ଦିଆ ପ୍ରମୁଖ ଯୋଗଦେଇ ଶିକ୍ଷକ କର୍ଣ୍ଣଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଶିକ୍ଷକତା ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

# କାର୍ଯ୍ୟକ୍ଷମ ହେଲା ହେଲ୍ପଡେସ୍କ

**ଅନୁଗୋଳ ଅଫିସ, ୩।୫**

ପ୍ରଥମରୁ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ଖରାଦିନିଆ ଛୁଟିରେ ପାଠପଢ଼ା ସହିତ ଯୋଡ଼ି ରଖିବା ପାଇଁ ଗ୍ରୀଷ୍ମ ଅବକାଶକାଳୀନ ଗୃହକର୍ମ ସହାୟତା ସେବା ବା ହଲିଡେ ହୋମୱାର୍କ ହେଲ୍ପ ଡେସ୍କ ଅନୁଗୋଳ ଜିଲା ଶିକ୍ଷା କାର୍ଯ୍ୟାଳୟଠାରେ କାର୍ଯ୍ୟକ୍ଷମ ହୋଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଏବଂ ପ୍ରତିଭା ବାରିକ ପ୍ରମୁଖ ଉପସ୍ଥିତ ରହି ହେଲ୍ପ ଡେସ୍କର ସେବା ସମସ୍ତ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚୁ ବୋଲି କହିଥିଲେ। କାର୍ଯ୍ୟକ୍ଷମ ହୋଇଥିବା ଏହି କେନ୍ଦ୍ର ସକାଳ ୬ଟାରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ଖୋଲାରହିବ। ୨ଟି ଶିଫ୍ଟରେ ୨ ଜଣ ଲେଖାଏ ଅଭିଜ୍ଞ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କ ପାଠ୍ୟ ସମ୍ବନ୍ଧୀୟ ସମସ୍ତ ସନ୍ଦେହ ଦୂର କରିବେ। ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରଧାନ ଶିକ୍ଷକଙ୍କ ଜରିଆରେ ଛାତ୍ରୀଛାତ୍ରମାନଙ୍କୁ ଗ୍ରୀଷ୍ମ ଅବକାଶ କାଳୀନ ଗୃହକର୍ମ ସମ୍ପର୍କିତ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଛି। ଛାତ୍ରୀଛାତ୍ରମାନେ ଦେୟମୁକ୍ତ ନମ୍ବର ୧୮୦୦-୩୪୫-୭୫୨୧ରେ ଫୋନ କରି ହେଲ୍ପଡେସ୍କରେ ଥିବା ଶିକ୍ଷକଙ୍କ ଜରିଆରେ ସେମାନଙ୍କ ସମସ୍ୟାର ସମାଧାନ କରିପାରିବେ। ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ଏହା ଉପଲବ୍ଧ ହେବ। ଏଥିସହିତ ଦୈନିକ ପ୍ରାୟ ୫୦ ବିଦ୍ୟାଳୟକୁ ଏଠାରୁ ଫୋନ କରାଯାଇ କାର୍ଯ୍ୟକ୍ରମର ଅଗ୍ରଗତି ତଦାରଖ କରାଯିବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲା ଶିକ୍ଷା କାର୍ଯ୍ୟାଳୟର ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ଓ ଜିଲା ବିଜ୍ଞାନ ଶିକ୍ଷା ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।




# ଚନ୍ଦନ ଯାତ୍ରା ପ୍ରସ୍ତୁତି ବୈଠକ

**ଛେଣ୍ଡିପଦା,୩।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଖମାର ଗ୍ରାମରେ ଚନ୍ଦନ ଯାତ୍ରା ପାଳନ ନିମନ୍ତେ ଗ୍ରାମ କମିଟି ସଭାପତି ନେତ୍ରାନନ୍ଦ ଗଡନାୟକ ଓ ସମ୍ପାଦକ ହେମନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ପକ୍ଷରୁ ଆସନ୍ତା ୫ ତାରିଖ ଶୁକ୍ରବାର ଚନ୍ଦନ ଯାତ୍ରା ମହାସମାରୋହରେ ପାଳିତ ହେବ ବୋଲି ସୂଚନା ଦିଆଯାଇଛି। ଚନ୍ଦନଯାତ୍ରାରେ ସହସ୍ରାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ ସହିତ ଶାନ୍ତିଶୃଙ୍ଖଳାରେ ଯାତ୍ରା ସମାପନ ନିମନ୍ତେ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସ୍ୱପ୍ନେଶ୍ୱର ମାଝି, ଉପସଭାପତି ଚୌରଚନ୍ଦ୍ର ବେହେରା, ମନୋଜ ଆଚାର୍ଯ୍ୟ, ରଶ୍ମିରଞ୍ଜନ ମାଝି, ଶ୍ରବଣ ଗଡ଼ନାୟକ, ଅଜୟ ବେହେରା ପ୍ରମୁଖ ଗ୍ରାମବାସୀ ଓ କମିଟି ସଭ୍ୟ ଉପସ୍ଥିତ ଥିଲେ।

# ଦୃଢ଼ ସଂକଳ୍ପ ନେଇ କାର୍ଯ୍ୟ କରିବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୩।୫**

ଅନୁଗୋଳ ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ପ୍ରାଚୀନ ଯୁଗରେ ମହିଳାଙ୍କ ସାମାଜିକ ଜୀବନୀ ଏବଂ ପରଦା ପ୍ରଥା ସମ୍ବନ୍ଧୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ନିରଜା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପାଠଚକ୍ରରେ ବିଭାଗୀୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ହୀରାକୁଦ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମଞ୍ଜୁଶ୍ରୀ ପ୍ରଧାନ ଏଥିରେ ଯୋଗଦେଇ ବିଷୟବସ୍ତୁ ଉପରେ ବିଶେଷ ଆଲୋଚନା କରିଥିଲେ। ବିଭାଗୀୟ ଛାତ୍ରୀ ଶ୍ରଦ୍ଧା ଦାସ, ପ୍ରଜ୍ଞା ସାହୁ, ସାଇସ୍ମିତା ସାହୁ ପ୍ରାଚୀନ ଯୁଗରେ ମହିଳାଙ୍କ ସଂଘର୍ଷମୟ ସାମାଜିକ ଜୀବନୀ ଉପରେ ଦୃଷ୍ଟିପାତ କରିବା ସହ ଛାତ୍ରୀମାନଙ୍କୁ ଦୃଢ଼ ସଂକଳ୍ପ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପିକା ପ୍ରମୋଦା କୁମାରୀ ପ୍ରଧାନ, ସବିତା ମିଶ୍ର, ଅଶ୍ୱିନୀ କୁମାର ସାହୁ, ଗୀତାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭାଗୀୟ ଅଧ୍ୟାପକ ସୌମ୍ୟରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ପାଠଚକ୍ରରେ ଅଧ୍ୟକ୍ଷା, ଅଧ୍ୟାପିକାଙ୍କ ସହ ଛାତ୍ରୀମାନେ।

## ସଂକ୍ଷେପରେ

### ବାଇକ୍ ଆରୋହୀଙ୍କୁ ଘୋଷାଡ଼ି ନେଲା ତେଲ ଟ୍ୟାଙ୍କର

**ପରଜଙ୍ଗ, ୩।୫(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥର ଆଇଜିଆଇଟି ଛକ ନିକଟ ଦୁର୍ଗା ହୋଟେଲ ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ତେଲ ଟ୍ୟାଙ୍କର ଜଣେ ବାଇକ୍ ଆରୋହୀଙ୍କୁ ଘୋଷାଡ଼ି ନେଇଛି। ଗୁରୁତର ଯୁବକ ହେଲେ ଡମୋଳ ଗ୍ରାମର ରାଜେନ୍ଦ୍ର ନାଥ ଓରଫ କାଳିଆ (୩୨)। ଏଥିରେ ତାଙ୍କ ଦୁଇ ଗୋଡ଼ର ମାଂସ ଛିଣ୍ଡି ପଡ଼ି ହାଡ଼ରୁ ଅଲଗା ହୋଇଯାଇଛି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, କାଳିଆ କୌଣସି କାର୍ଯ୍ୟରେ ସରାଙ୍ଗ କଲେଜ ଛକକୁ ଆସିଥିଲେ। କାମ ସାରି ବାଇକ୍‌ରେ ଫେରିବା ବେଳେ ଉକ୍ତ ଦ୍ରୁତଗାମୀ ତେଲ ଟ୍ୟାଙ୍କର ତାଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ଘଟାଇ ଟ୍ୟାଙ୍କର ଚାଳକ ସରାଙ୍ଗ ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ଏହି ଦୁର୍ଘଟଣା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିବା ସହ ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲା।

# ଚଳଚ୍ଚିତ୍ର ଜଗତକୁ ଢେଙ୍କାନାଳର ଅବଦାନ ଅନନ୍ୟ



ଓଲିଉଡ୍ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**'ବୈଶାଖୀ ମହୋତ୍ସବ' ଦ୍ୱିତୀୟ ସନ୍ଧ୍ୟା**

**ଢେଙ୍କାନାଳ ଅଫିସ, ୩।୫**

କଳା, ସଂସ୍କୃତିର ମାଟି ହେଉଛି ଢେଙ୍କାନାଳ। ଚଳଚ୍ଚିତ୍ର ଜଗତକୁ ଏହି ମାଟିର ଅବଦାନ ଅନନ୍ୟ। ଏଠାକାର ବହୁ ପ୍ରତିଭାବାନ କଳାକାର ସିନେମା ଶିଳ୍ପରେ ସୁନାମ ଅର୍ଜିଛନ୍ତି। ଜାତୀୟସ୍ତରରେ ନାଁ ମଧ କରିଛନ୍ତି। ସମଗ୍ର ରାଜ୍ୟରେ ଢେଙ୍କାନାଳର ପରିଚୟ ଭିନ୍ନ ବୋଲି କହିଛନ୍ତି କେନ୍ଦ୍ରାପଡ଼ା ଏମ୍‌ପି ତଥା ଓଲିଉଡ୍ ଅଭିନେତା ଅନୁଭବ ମହାନ୍ତି। ସ୍ଥାନୀୟ ମିନି ଷ୍ଟାଡିୟମରେ ସାଂସ୍କୃତିକ ଅନୁଷ୍ଠାନ 'ଗୁଡ୍‌ନାଇଟ୍' କ୍ଲବ ପକ୍ଷରୁ ଆୟୋଜିତ 'ବୈଶାଖୀ ମହୋତ୍ସବ'ର ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସଂଦେଓ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ଚଳଚ୍ଚିତ୍ର ଅଭିନେତ୍ରୀ ତଥା ମଡେଲ ସ୍ୱପ୍ନା ପ୍ରିୟଦର୍ଶିନୀ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଜାତୀୟସ୍ତରରେ ଅନେକ ପ୍ରତିଭାବାନ କଳାକାରଙ୍କୁ ସୃଷ୍ଟି କରିଥିବାରୁ ଢେଙ୍କାନାଳ ମାଟି ଧନ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆସନ୍ତା ଜୁନ୍ ୧୪ରେ ରିଲିଜ୍ ହେବାକୁ ଥିବା ତାପସ ସରଗରିଆଙ୍କ ନିର୍ଦ୍ଦେଶିତ ତଥା ଅନୁଭବ ଏବଂ ସ୍ୱପ୍ନା ପ୍ରିୟଦର୍ଶିନୀଙ୍କ ଅଭିନୀତ ଓଡ଼ିଆ ସିନେମା 'ଲଭ୍ ଇନ୍ ଲଣ୍ଡନ୍'ର ଟ୍ରେଲର ରିଲିଜ ହୋଇଥିଲା। ଏହି ଅବସରରେ ରାଜ୍ୟ ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଅନୁଭବ ମହାନ୍ତି, ସ୍ୱପ୍ନା ପ୍ରିୟଦର୍ଶିନୀ, କଣ୍ଠଶିଳ୍ପୀ ଦୀପ୍ତିମୟୀ ଦାସ, ଆଇନଜୀବୀ ଲଳିତେନ୍ଦୁ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅନୁଷ୍ଠାନର ସଭାପତି ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଆବାହକ ସତ୍ୟସ୍ୱରୂପ ଦାସ ବିବରଣୀ ଉପସ୍ଥାପନ କରିଥିଲେ। ଦେବାଶିଷ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅମ୍ବିକା ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଭୁବନେଶ୍ୱରରୁ ଆସିଥିବା କିନ୍ନରଙ୍କ ର୍‍ୟାମ୍ପ ଶୋ' ଦର୍ଶକଙ୍କ କରତାଳି ସାଉଁଟିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲକ୍ଷ୍ମୀକାନ୍ତ ସାହୁ ସଂଯୋଜନା କରିଥିଲେ। ରାଜଶ୍ରୀ ଶତପଥୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଅରବିନ୍ଦ ସାହୁ, ବିନୋଦ ମହାନ୍ତି, ଗଙ୍ଗାଧର ରାଉତ, ଅଥୟ ସାହୁ ପ୍ରମୁଖ ପରିଚାଳନରେ ସହଯୋଗ କରିଥିଲେ।



କଣ୍ଠଶିଳ୍ପୀ ଦୀପ୍ତିମୟୀ ଗୀତ ଗାଉଛନ୍ତି।

# ବିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୩।୫**

ଢେଙ୍କାନାଳ ଜିଲା ଗଁଦିଆ ବିଡିଓଙ୍କ ସମ୍ମିଳନୀ କକ୍ଷରେ ବିଇଓ ଜ୍ୟୋତିର୍ମୟୀ ନାଥଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ତହସିଲଦାର ସୁଦର୍ଶନ ଗୁରୁ, ଶିକ୍ଷାବିତ୍ ଦଣ୍ଡଧର ସାହୁ, ଏବିଇଓ ସସ୍ମିତା ସାହୁ, ମୁଖ୍ୟବକ୍ତା ଭାବେ ବିଡିଓ ଆଶିଷ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାର ବିକାଶରେ ବିଇଓ ନାଥଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଙ୍କୁର୍ଦ୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ କର୍ମଚାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଏହି ସଭାରେ ଯୋଗଦେଇଥିଲେ।



ବିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ରେଳ ଧାରଣାକୁ ଖସିପଡ଼ିଲା ହାଇୱା

**ଭୁବନ, ୩।୫(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଯମୁନାକୋଟ ଗ୍ରାମ ନିକଟ ରେଳଧାରଣାରେ ବୁଧବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ହାଇୱା (ନଂ. ଓଡ଼ି ୦୪ ଏନ୍ ୧୦୯୬) ଭାରସାମ୍ୟ ହରାଇ ଓଭରବ୍ରିଜ୍ ଉପରୁ ରେଳଧାରଣାକୁ ଖସିପଡ଼ିଛି। ଏଥିରେ ଡ୍ରାଇଭର ପ୍ରଶାନ୍ତ ପାତ୍ର ଗୁରୁତର ହୋଇଛନ୍ତି।

ସୂଚନାଯୋଗ୍ୟ, ଯାଜପୁର ଜିଲା ଡୁବୁରି ଅଞ୍ଚଳର ଉକ୍ତ ହାଇୱା ଯମୁନାକୋଟ ଓଡ଼ଣା ବାଲିଘାଟକୁ ବାଲି ଆଣିବାକୁ ଯାଉଥିଲା। ୫୩ନଂ ଜାତୀୟ ରାଜପଥର ମାର୍ଥାପୁର-ଯମୁନାକୋଟ ରାସ୍ତାରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡ଼ିଟି ୨୦ ଫୁଟ ଉଚ୍ଚ ରେଲୱେ ଓଭରବ୍ରିଜ୍‌ରୁ ରେଳଲାଇନ୍‌କୁ ଖସିପଡ଼ିଥିଲା। ରେଳ ଧାରଣାରେ ଛିଟିକି ପଡ଼ିଥିବା ଡ୍ରାଇଭର ପ୍ରଶାନ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତାଙ୍କ ଅଣ୍ଟାରେ ଶକ୍ତ ଆଘାତ ଲାଗିଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରେଳଧାରଣା ଉପରେ ଗାଡ଼ି ପଲଟିଯାଇଥିବାରୁ ମାଲବାହୀ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ଭୁବନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଏବଂ ଗୁରୁତର ଡ୍ରାଇଭର (ଇନ୍‌ସେଟ୍)।

# ୪ ଅସହାୟ ପିଲା ଶିଶୁମଙ୍ଗଳ ବିଭାଗକୁ ହସ୍ତାନ୍ତର

**କୁଳିଅଣା,୩।୫(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ପାତିହିଞ୍ଜା ପଞ୍ଚାୟତ ଶ୍ରୀଚନ୍ଦନପୁର ଗ୍ରାମର ୪ ଅସହାୟ ପିଲାଙ୍କୁ ସ୍ଥାନୀୟ ସରପଞ୍ଚ ଦୁଃଖିଆ ହେମ୍ବ୍ରମ ଓ ସମିତି ସଭ୍ୟ ବାବଲୁ ହାଁସଦା ବୁଧବାର ଶିଶୁମଙ୍ଗଳ ବିଭାଗକୁ ହସ୍ତାନ୍ତର କରିଛନ୍ତି।

ସୂଚନା ଅନୁଯାୟୀ, ଶ୍ରୀଚନ୍ଦନପୁର ଗ୍ରାମର ଡମାନ ସୋରେନ ଓ କୁନୁ ସୋରେନ ଦୁଇ ଭାଇ। ବାପା ନାରାନଙ୍କ ମୃତ୍ୟୁ ପରେ ମା' ସାଲମା ସେମାନଙ୍କୁ ବହୁ କଷ୍ଟରେ ଗାଁ ସ୍କୁଲରେ ପାଠ ପଢ଼ାଉଥିଲେ। ସେହିପରି ଏହି ଗାଁର ସଞ୍ଜୟ ହେମ୍ବ୍ରମଙ୍କ ମା'ଙ୍କ ମୃତ୍ୟୁ ପରେ ବାପା ବାର୍ସା ତାଙ୍କୁ ଏକାକୀ ଲାଳନପାଳନ କରିବା ସମ୍ଭବ ହେଉ ନ ଥିଲା। ଏହି ଗାଁର ଦାଶରଥି ଟୁଡୁଙ୍କ ବାପା ଓ ମା'ଙ୍କ ମୃତ୍ୟୁ ପରେ ତାଙ୍କ ପାଇଁ ଆହା ପଦେ କହିବାକୁ କେହି ନ ଥିଲେ। ଏହି ୪ ଅସହାୟ ପିଲାଙ୍କୁ ଉଦ୍ଧାର କରିବା ପାଇଁ ସରପଞ୍ଚ ଓ ସମିତିସଭ୍ୟ ଚାଇଲ୍ଡ ହେଲପ୍ ଲାଇନରେ ଯୋଗାଯୋଗ କରିଥିଲେ। ସିଡବ୍ଲ୍ୟୁସିର ଏକ ଟିମ୍ ଉକ୍ତ ଗାଁରେ ପହଞ୍ଚି ଡମାନ, କୁନୁ, ସଞ୍ଜୟ ଓ ଦାଶରଥୀଙ୍କୁ ଉଦ୍ଧାର କରି ବାରିପଦାରେ ଥଇଥାନ କରିଥିବା ସୂଚନା ମିଳିଛି।

# ପୋଲିସ ବାରାକ୍ ଉଦ୍‌ଘାଟିତ

**ସାତମାଇଲ, ୩।୫(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ବାଲିମୀ ଥାନା ପରିସରରେ ରୁଙ୍ଗ୍‌ଟା ମାଇନ୍ସ ପକ୍ଷରୁ ବୁଧବାର ନୂତନ ପୋଲିସ ବାରାକ୍ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ରୁଙ୍ଗ୍‌ଟା କମ୍ପାନୀର ସିନିୟର ଭାଇସ ପ୍ରେସିଡେଣ୍ଟ ପି.କେ. ଚୌଧୁରୀ, ଡେପୁଟି ଜେନେରାଲ ମ୍ୟାନେଜର ଅଜୟ କୁମାର ଦାସ, ରାଜେନ୍ଦ୍ର ନନ୍ଦ, ବିକ୍ରମ ମହାପାତ୍ର, ଏସ୍‌ଡିପିଓ ଦୀପକ ରଞ୍ଜନ ଜେନା, ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ବାରାକରେ ୨୦ ଜଣ ପୁରୁଷ ଏବଂ ୧୦ ଜଣ ମହିଳା ପୋଲିସ କର୍ମଚାରୀ ରହିବା ବ୍ୟବସ୍ଥା ରହିଛି।



ପୋଲିସ ବାରାକ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

# ରାତିରେ ଜବତ, ସକାଳୁ ଉଭାନ

## ଗୋପାଳପୁର ଅବକାରୀ ଥାନା

**ବାହାନଗା,୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ନୂତନ କରି ସ୍ଥାପନ ହୋଇଥିବା ଅବକାରୀ ଥାନା ପୋଲିସ୍ ମଙ୍ଗଳବାର ବିଳମ୍ବିତ ରାତିରେ ଦେଶୀ ମଦ ସହିତ ଏକ ବାଇକ୍‌କୁ ଜବତ କରି ଥାନା ପରିସରରେ ରଖିଥିଲେ। ମାତ୍ର ରାତି ପାହିବା ବେଳକୁ ଜବତ ଦେଶୀମଦ ଓ ବାଇକ୍ ଉଭାନ ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଅବକାରୀ ବିଭାଗର କାମଖିଆଲି ନୀତି ପାଇଁ ଭୋର ସମୟରେ ମଦବେପାରୀମାନେ ଜବତ ଦେଶୀ ମଦ ସହିତ ଗାଡିକୁ ଥାନା ପରିସରରୁ ନେଇଯିବାରେ ସକ୍ଷମ ହୋଇପାରିଛନ୍ତି। ଗତ ମଙ୍ଗଳବାର ରାତିରେ ଗୋପାଳପୁର ଅବକାରୀ ଥାନା ଅଧିକାରୀ ସତ୍ରସୁନ୍ଦର ମଲ୍ଲିକ ଗୋପାଳପୁର ଗ୍ରାମ ମଧ୍ୟରେ ବାଇକ୍ ଯୋଗେ ଯାଉଥିବା ଚୋରା ଦେଶୀ ମଦ ଗାଡିକୁ ଅଟକାଇଥିଲେ। ଅଭିଯୁକ୍ତ ଯୁବକଜଣକ ଗାଡି ଛାଡି ଘଟଣାସ୍ଥଳରୁ ଚମ୍ପଟ ମାରି ଫେରାର ହୋଇଯାଇଥିଲେ। ଅବକାରୀ କର୍ମଚାରୀମାନେ ଜବତ ଦେଶୀମଦ ସହିତ ଗାଡିକୁ ଥାନା ବାରଣ୍ଡାରେ ରଖି ଶୋଇପଡିଥିଲେ। ଏହାର ସୁଯୋଗ ନେଇ ମଦବେପାରୀମାନେ ଜବତ ମଦ ସହିତ ଗାଡିକୁ ନେଇ ପଳାଇବାରେ ସକ୍ଷମ ହୋଇଥିଲେ।

# ଟଙ୍କା ଆତ୍ମସାତ୍ ମାମଲା: ମହିଳା ଗିରଫ

**ଭୁବନ, ୩।୫(ଡି.ଏନ୍.ଏ.)**

ରେଙ୍ଗାଳି ଜଳସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ ବାବଦ ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ଭୁବନ ଥାନା ପୋଲିସ ବୁଧବାର ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଅନନ୍ତପୁର ଗ୍ରାମର ଅରକ୍ଷିତ ମଲ୍ଲିକଙ୍କ ସ୍ତ୍ରୀ ମାନସୀ ମଲ୍ଲିକ। ପୋଲିସ ସୂଚନା ଅନୁଯାୟୀ, ୨୦୧୯ରେ ରେଙ୍ଗାଳି ଜଳସେଚନ ପ୍ରକଳ୍ପରେ ଅଧିକୃତ ଜମି ମାଲିକଙ୍କୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। ତେବେ ଭୁଲ୍‌ବଶତଃ ୧ ଲକ୍ଷ ୪୮ ହଜାର ୨୧୧ ଟଙ୍କା ନିର୍ଦ୍ଦିଷ୍ଟ କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବା ପରିବର୍ତ୍ତେ ଭୁବନସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆକାଉଣ୍ଟ ନମ୍ବର ୦୫୪୫୩୪୦୦୧୦୦୪୮୧କୁ ପଳାଇଥିଲା। ଉକ୍ତ ଖାତାଧାରୀ ଥିଲେ ମାନସୀ ମଲ୍ଲିକ। ଏହା ଜଣାପଡ଼ିବା ପରେ ସୁକିନ୍ଦାସ୍ଥିତ ଜୋନ୍ ଅଫିସ୍‌ର ଅଧିକାରୀମାନେ ମାନସୀଙ୍କ ଘରକୁ ଯାଇ ଏ ସମ୍ପର୍କରେ ଅବଗତ କରାଇଥିଲେ। ସରକାରୀ ତହବିଲରୁ ତ୍ରୁଟିପୂର୍ଣ୍ଣ ଭାବେ ଟଙ୍କା ପୈଠ ହୋଇଥିବାରୁ ଏହାକୁ ଫେରାଇ ଦେବାକୁ ନିବେଦନ କରିଥିଲେ। ଏପରି କି ପୋଲିସର ସହାୟତା ମଧ୍ୟ ନେଇଥିଲେ। ହେଲେ ମାନସୀ ଏବଂ ତାଙ୍କ ସ୍ୱାମୀ ଅରକ୍ଷିତ ବିଭିନ୍ନ ଉପାୟରେ ଟଙ୍କା ଉଠାଇ ଏହାକୁ ଆତ୍ମସାତ୍ କରିଦେଇଥିଲେ। ଦୀର୍ଘ ୪ବର୍ଷ ଧରି ଅଧିକାରୀଙ୍କୁ ଅଭିଯୁକ୍ତା ମହିଳା ଭୁଆଁ ବୁଲାଇଥିଲେ। ଶେଷରେ ଜୋନାଲ ଅଫିସର ରାମକ୍ରିଷ୍ଣ ମହାନ୍ତିଙ୍କ ଅଭିଯୋଗକ୍ରମେ ଗତ ମାର୍ଚ୍ଚ ୨୦ରେ ଏ ନେଇ ଭୁବନ ଥାନାରେ ନଂ. ୮୯/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତକରି ତଥ୍ୟପ୍ରମାଣ ସଂଗ୍ରହ କରିବା ପରେ ମାନସୀଙ୍କୁ ଗିରଫ କରି ଭୁବନ କୋର୍ଟରେ ହାଜର କରାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ କାମାକ୍ଷାନଗରସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଅଗ୍ନି ବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ସେଠୀସାହି ଅଗ୍ନିବିପନ୍ନଙ୍କୁ ସହାୟତା

**ଢେଙ୍କାନାଳ ଅଫିସ, ୩।୫**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୋବିନ୍ଦପ୍ରସାଦ ଗ୍ରାମ ସେଠୀସାହିରେ ଅଗ୍ନିକାଣ୍ଡରେ ୧୫ ବଖରା ଘର ଛାରଖାର ହୋଇଯାଇଥିଲା। ଏମ୍‌ପି ମହେଶ ସାହୁ ଆଲୋଚନା କରିବା ପରେ ବୁଧବାର ପୂର୍ବାହ୍ନରେ ଟାଟା କମ୍ପାନୀ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ୧୧ କ୍ଷତିଗ୍ରସ୍ତ ପରିବାରକୁ ଅତ୍ୟାବଶ୍ୟକ ଘରକରଣା ସାମଗ୍ରୀ ସହ ଆସବାବପତ୍ର ପ୍ରଦାନ କରାଯାଇଛି। କମ୍ପାନୀର ବରିଷ୍ଠ ଅଧିକାରୀ ସୌଭାଗ୍ୟ ଦାସ, ଏମ୍‌ପିଙ୍କ ପ୍ରତିନିଧି ଅର୍ଜୁନ ସାହୁ, ଏମ୍‌ପିଙ୍କ କାର୍ଯ୍ୟାଳୟର ସଦାଶିବ ମହାପାତ୍ର, ସରପଞ୍ଚ ରେଖା ଦଳେଇ, ଶ୍ୟାମସୁନ୍ଦର ସାହୁ, ଜିତେନ୍ଦ୍ର ପଟ୍ଟନାୟକ, କୈଳାସ ସାହୁ, ବିଜୟ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଜଗନ୍ନାଥ ସଂସ୍କୃତିର ପ୍ରଚାର ପାଇଁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୩।୫**

ଢେଙ୍କାନାଳ ସଦର ବ୍ଲକ୍ ବଣସିଂହ ପଞ୍ଚାୟତର ଭୂଇଁପୁରରେ ଜଗନ୍ନାଥ ନାମ ସଂକୀର୍ତ୍ତନ ତରଫରୁ ଭବ୍ୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବଣସିଂହ, ମାଧବୋଲ, ଭାଟକାଟେଣୀ ଛକରୁ ଏକ ବିରାଟ ପଟୁଆରରେ ସଂକୀର୍ତ୍ତନମଣ୍ଡଳୀ ସଦସ୍ୟମାନେ ନାମ ସଂକୀର୍ତ୍ତନ କରି ଭୂଇଁପୁରସ୍ଥିତ ଭୀମେଶ୍ୱରୀ ପୀଠରେ ଏକାଠି ହୋଇଥିଲେ। ଜିଲା ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦର ରାଜ୍ୟ ସଭାପତି ବିପ୍ରବର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଘରେ ଘରେ ଜଗନ୍ନାଥଙ୍କ ବିଗ୍ରହ ସ୍ଥାପନ କରି ଜଗନ୍ନାଥ ମହାମନ୍ତ୍ର ଜପ କରିବା ଦ୍ୱାରା ମାନସିକ ଶାନ୍ତି ମିଳିବ ବୋଲି ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଜଳଧର ବେହେରା, ସମ୍ମାନିତ ଅତିଥି ସରପଞ୍ଚ ପ୍ରମିଳା ବେହେରା, ସମିତିସଭ୍ୟା ରଞ୍ଜିତା ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ବିପିନ୍ ବିହାରୀ ଦାଶ, ଭୁବନ ବ୍ଲକ ସଭାପତି ବିରଞ୍ଚି ନାରାୟଣ ପାଣି, ଗଁଦିଆ ସଭାପତି ଅରବିନ୍ଦ ବରାଳ, ସଦର ସଭାପତି ବିପିନ ବିହାରୀ ପାଣି, ଓଡ଼ାପଡ଼ା ସଭାପତି ରଙ୍ଗାଧର ବେହେରା, ହିନ୍ଦୋଳ ବ୍ଲକର ଚକ୍ରଧର ନାୟକ, ଗ୍ରାମ ସଭାପତି ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ମଞ୍ଚାସୀନ ରହି ସଂକୀର୍ତ୍ତନ ସଂସ୍କୃତି ଉଜ୍ଜୀବିତ କରିବା ପାଇଁ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ପୁଷ୍ପାଞ୍ଜଳି ସ୍ୱାଇଁ, ଛାୟାକାନ୍ତି ରାଉଳ, ସମୀର ମଲ୍ଲିକ, ଦୀପକ ବେହେରା, ଗାଲୁରୀ ମଳିକ, ଅସରନ୍ତି ସ୍ୱାଇଁ, ସୁମିତ୍ରା ରାଉତ, ବିଚିତ୍ରାନନ୍ଦ ସାମଲ ପରିଚାଳନା କରିଥିଲେ। ଏହି ଅବସରରେ ସଂକୀର୍ତ୍ତନ ପ୍ରତିଯୋଗିତା କରାଯାଇ କଳାକାରଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ଏବଂ ସଂକୀର୍ତ୍ତନମଣ୍ଡଳୀର ସଦସ୍ୟମାନେ।

**ଜୟନ୍ତ ସଂକୀର୍ତ୍ତନ ପରିଷଦ ଜିଲା ସଭାପତି**

ଅନୁଗୋଳ ଅଫିସ: ଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ କମିଟି ନିଷ୍ପତ୍ତି ଅନୁଯାୟୀ ଅନୁଗୋଳ ଜିଲା ସଭାପତି ଭାବେ ଜୟନ୍ତ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ଏ ନେଇ ରାଜ୍ୟ ଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦ ସଭାପତି ସୂଚନା ଦେଇଛନ୍ତି। ସମଗ୍ର ଜିଲାରେ ଜଗନ୍ନାଥ ସଂସ୍କୃତି ଉପରେ ନାମ ସଂକୀର୍ତ୍ତନ ପରିବେଷଣ କରି ବିଶ୍ୱ କଲ୍ୟାଣ ପାଇଁ କାର୍ଯ୍ୟ କରିବେ ବୋଲି ଜୟନ୍ତ କହିଛନ୍ତି।

## ସଂକ୍ଷେପରେ

### ନାଗ ସାପ ଉଦ୍ଧାର

**ଛେଣ୍ଡିପଦା,୩।୫(ସ୍ୱ.ପ୍ର.):** ଛେଣ୍ଡିପଦା-ଦେବଗଡ ଛକ ନିକଟସ୍ଥ ଏକ କମ୍ପ୍ୟୁଟର ସେଣ୍ଟର ପରିସରରୁ ୫ ଫୁଟ ଲମ୍ବର ଏକ ନାଗ ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉକ୍ତ କମ୍ପ୍ୟୁଟର ସେଣ୍ଟର ପଛପାଖରେ ଏକ ନାଗ ସାପ ବୁଲୁଥିବା ଲକ୍ଷ୍ମଣ କୁମାର ସେନାପତି ଦେଖିବାକୁ ପାଇଥିଲେ। ଏ ନେଇ ସେ ସର୍ପ ଉଦ୍ଧାରକାରୀ ନଗେନ କୁମାର ନନ୍ଦଙ୍କୁ ଖବର ଦେଇଥିଲେ। ଖବରପାଇ ନନ୍ଦ କମ୍ପ୍ୟୁଟର ସେଣ୍ଟରରେ ପହଞ୍ଚି ପ୍ରାୟ ଦେଢ ଘଣ୍ଟା ପରିଶ୍ରମ କରିବା ପରେ ୫ ଫୁଟର ନାଗ ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଛେଣ୍ଡିପଦା ବନବିଭାଗ ସହାୟତାରେ ନାଗ ସାପଟିକୁ ଛେଣ୍ଡିପଦା ଗଉଡୁଣୀ ନାଳସ୍ଥିତ ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡି ଦିଆଯାଇଛି।



# ଚୋରି ମାମଲାରେ ପୋଲିସକୁ ସଫଳତା

■ଚୋରି ସାମଗ୍ରୀ ଜବତ, ୭ ଗିରଫ
■କଲେଜ କ୍ୱାର୍ଟର୍ସରେ କଳାକନା ବୁଲାଇଥିଲେ



ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

**ଅନୁଗୋଳ ଅଫିସ, ୩।୫**

ଅନୁଗୋଳ କଲେଜ କଲୋନୀର କ୍ୱାର୍ଟର୍ସ ନଂ ଏଚଇ/୩୨ରୁ ହୋଇଥିବା ଚୋରି ଘଟଣାରେ ଅନୁଗୋଳ ପୋଲିସକୁ ସଫଳତା ମିଳିଛି। ଭାନୁପ୍ରଭା ନନ୍ଦଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୨୧୬/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ହାକିମପଡ଼ାର ବସନ୍ତ ଗୋଚ୍ଛାୟତ(୩୦), ସୌମ୍ୟରଞ୍ଜନ ଓଝା(୨୪), ପ୍ରକାଶ ନାଏକ(୩୫) ଚୋରି କରିଥିଲେ। ସେହିପରି ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ନାଲକୋ ଥାନା କାଣ୍ଡସର ଗ୍ରାମର କୁପନ ଗୋଚ୍ଛାୟତ(୪୫), ପ୍ରମୋଦ ଗୋଚ୍ଛାୟତ(୪୫), ହାଡ଼ିବନ୍ଧୁ ବେହେରା(୨୯) ଓ ପ୍ରଶାନ୍ତ ବେହେରା(୪୦)ଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି।

ପୋଲିସ କହିଛି, କଲେଜ କଲୋନୀର କ୍ୱାର୍ଟର୍ସ ନଂ ଏଚଇ/୩୨ରେ ରହୁଥିବା ଭାନୁପ୍ରଭା ତାଳଚେର ଯାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେ ଫେରିବା ପରେ ତାଙ୍କ ଘରୁ ଏଲଇଡି ଟିଭି, ଗ୍ୟାସ ଟାଙ୍କି, ଆଇରନ୍, ସ୍ମାର୍ଟ ୱାଚ, ଶାଢ଼ି, ଡ୍ରେସ୍, ଏଟିଏମ୍ କାର୍ଡ, ଗ୍ରୋସରି ସାମଗ୍ରୀ ସହ ପାଉଁଜି ଓ ନଗଦ ଟଙ୍କା ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଏସ୍ଆଇ ଅମିତ୍ ମିଶ୍ର ଏହି ଘଟଣାର ତଦନ୍ତ କରି ଦୁର୍ବୃତ୍ତଙ୍କ ପଡ଼ା ପାଇବା ସହ ଚୋରି ସାମଗ୍ରୀ କିଣିଥିବା ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରିଥିଲେ। ଗିରଫ ବସନ୍ତ, ସୌମ୍ୟରଞ୍ଜନ ଓ ପ୍ରକାଶ ପେସାରେ ସଫେଇ କର୍ମଚାରୀ। ହେଲେ ରାତିରେ ସେମାନେ ଚୋରି କରିଥାନ୍ତି। ସେମାନଙ୍କ ନାମରେ ଅନୁଗୋଳ ଥାନାରେ ୪ରୁ ୫ଟି ଲେଖାଏ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ୪୦ ୟୁନିଟ୍ ରକ୍ତ ସଂଗ୍ରହ

**କଣିହାଁ, ୩।୫ (ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ଓସିପି ପକ୍ଷରୁ ଶ୍ରମିକ ଦିବସ ଅବସରରେ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ ଜିଏମ୍ କିଶୋର କୁମାର ରାଉଳ, ନାରାୟଣ ପ୍ରସାଦ, ଶିଶିର କୁମାର ଶତପଥୀ, ରତ୍ନାକର ବେହେରା, ବିଏସ୍ଏସ୍ ସଭାପତି ଅଭୟ ସାହୁ, ସମ୍ପାଦକ ଚିନ୍ମୟ ସାହୁ, ଏଚ୍ଏମ୍ଏସ୍ ସଭାପତି ଦୁଷ୍ମନ୍ତ ପ୍ରଧାନ, ସମ୍ପାଦକ ଜ୍ଞାନେନ୍ଦ୍ର ପ୍ରଧାନ, ଆଇଏନଟିୟୁସି ସଭାପତି ମହେନ୍ଦ୍ର ପ୍ରଧାନ, ସମ୍ପାଦକ ରଣଜୀତ ସାମଲ ପ୍ରମୁଖ ଯୋଗଦାନ କରି ସହଯୋଗ କରିଥିଲେ। ଏଥିରେ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ତାଳଚେର ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଏମ୍ସିଏଲ୍ କର୍ମଚାରୀ ସହଯୋଗ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ଶ୍ରମିକଙ୍କୁ ବାଧୁଛି ଦର ବୃଦ୍ଧି

**ଆଠମଲ୍ଲିକ, ୩।୫ (ଡି.ଏନ.ଏ.)**

ଇଣ୍ଡିଆନ ଫେଡେରେଶନ ଅଫ୍ ଟ୍ରେଡ ୟୁନିୟନ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଆଠମଲ୍ଲିକ ହରିଡାନାଳୀ ଠାରେ ଶ୍ରମିକ ନେତା ଧର୍ମେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଆଠମଲ୍ଲିକ ଏନ୍ଏସି ଓ ବ୍ଲକର ବିଭିନ୍ନ ଗ୍ରାମର ଶ୍ରମିକମାନେ ଯୋଗ ଦେଇଥିଲେ। ଦେଶରେ ଶ୍ରମିକମାନଙ୍କ ଖରାପ ସ୍ଥିତିକୁ ନେଇ ବୈଠକରେ ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିସହ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ହେଉଥିବା ବେଳେ ଶ୍ରମିକମାନଙ୍କ ମଜୁରି ସେହି ପରିମାଣରେ ବୃଦ୍ଧି ପାଉ ନ ଥିବା ବକ୍ତାମାନେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୁଲ ମୁଣ୍ଡା, କାମିନୀ ମୁଣ୍ଡା, ସୁଷମା ଦେହୁରୀ, ରଞ୍ଜିତ ସେଠୀ, ରଶ୍ମିତା ମେହେର, ଜଗନ୍ନାଥ ପ୍ରଧାନ, ଜଗନ୍ନାଥ ମେହେର, ବିକାଶ ପ୍ରଧାନ, କେତକୀ ମେହେର, ଦେବକୀ ମୁଣ୍ଡା, ବିନୋଦିନୀ ମେହେର, ବିକ୍ରମ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।




ବୈଠକରେ ଉପସ୍ଥିତ ବକ୍ତାମାନେ।

# ଦୀର୍ଘସ୍ଥାୟୀ ଆନ୍ଦୋଳନ ପାଇଁ ଆହ୍ୱାନ




ସଭାରେ ଉପସ୍ଥିତ ଅତିଥିଙ୍କ ସହ ସଂଘ କାର୍ଯ୍ୟକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୩।୫**

ଅନୁଗୋଳ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ସଭା ଜରପଡା ନିକଟସ୍ଥ ଜେରେଙ୍ଗ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସାଧାରଣ ସମ୍ପାଦକ ଦୀପକ କୁମାର ସିଂଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ସଂଘ କାର୍ଯ୍ୟକର୍ତ୍ତା ମାନସ ପାଳ ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ତଥା ସଂଘ ସଭାପତି ଜୟସେନ ମେହେର ଯୋଗଦେଇ ସମାନ କାମକୁ ସମାନ ମଜୁରି ଦାବିରେ ଦୀର୍ଘସ୍ଥାୟୀ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ଏହି ସଭାରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ)ର ନବକିଶୋର ପ୍ରଧାନଙ୍କ ସମେତ ସଂଘ କାର୍ଯ୍ୟକର୍ତ୍ତା ଦିଲୀପ ସାସମଲ, ଦୀନେଶ ମହାପାତ୍ର, ପ୍ରତାପ ସାହୁ, ମୋହନ ସାହୁ, ସାଫଲ୍ୟ ତ୍ରିପାଠୀ, ସମୀର ପ୍ରଧାନ, ବିକାଶ ଗଡନାୟକ, ମନୋଜ କୁମାର ସାହୁ, ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରଷ୍ଟ ବୋର୍ଡର ଚତୁର୍ଥ ଅଧିବେଶନ

**ମାଧପୁର,୩।୫**

ଆଠମଲ୍ଲିକ ବ୍ଲକ ମାନଜୋର୍ ସେଚ ବଙ୍ଗଳାଠାରେ ବୁଧବାର ବିଜୁ ପଟ୍ଟନାୟକ କଲେଜ ସ୍ଥାପନ ନିମନ୍ତେ ଗଠିତ ହୋଇଥିବା ବିଜୁ ପଟ୍ଟନାୟକ ଟ୍ରଷ୍ଟ ବୋର୍ଡର ଚତୁର୍ଥ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଟ୍ରଷ୍ଟ ବୋର୍ଡ ନାମରେ ଖୋଲା ଯାଇଥିବା ବ୍ୟାଙ୍କ ଆକାଉଣ୍ଟ ଶୀଘ୍ର କାର୍ଯ୍ୟକାରୀ କରିବା, କଲେଜ ପାଇଁ ଆବଶ୍ୟକୀୟ ପାଣ୍ଠି ସଂଗ୍ରହ ନିମନ୍ତେ ମାଧପୁର ବଜାର କମିଟିର ସହଯୋଗ ନେବା, ବିଭିନ୍ନ ସାମାଜିକ ଜାତି କମିଟି ମାଧ୍ୟମରେ ପାଣ୍ଠି ସଂଗ୍ରହ ପାଇଁ ଚେଷ୍ଟା କରିବା ଏବଂ ସମସ୍ତଙ୍କ ସହଯୋଗରେ କଲେଜ କିପରି ଶୀଘ୍ର ସ୍ଥାପନ ହେବ ସେ ନେଇ ଆଲୋଚନା ହୋଇଥିଲା। ଟ୍ରଷ୍ଟ ସଦସ୍ୟ ପୀତାମ୍ବର ବିଶ୍ୱାଳ, ଡ. ବସନ୍ତ କୁମାର, ଦେବେନ୍ଦ୍ର ପ୍ରଧାନ, ଦେବରାଜ ନାୟକ, ରାମରତନ ଅଗ୍ରୱାଲା, ପ୍ରିୟଦର୍ଶିନୀ ସ୍ୱାଇଁ, ଅନିଲ ଛନ୍ଦ, ଅମରେଶ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ୧୩ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ଅନୁଗୋଳ ଅଫିସ, ୩।୫**

ଆସନ୍ତା ୧୩ ତାରିଖରେ ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଅଁରପାଲସ୍ଥିତ ଅଦାଲତ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା ଓ ଅନ୍ୟାନ୍ୟ ବିବାଦ (ସାଲିସ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆଦି ଓ ଅନ୍ୟାନ୍ୟ ଫୌଜଦାରି ମାମଲାର ଆପୋସ ସହମତିରେ ସମାଧାନ କରାଯାଇପାରିବ। ଏହାସହିତ ପ୍ରାକ୍ ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇ ନ ଥିବା) ମାମଲା ତଥା ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଆଦିର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଏଥିପାଇଁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ବୋଲି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

# କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**କଣିହାଁ, ୩।୫ (ଡି.ଏନ.ଏ.)**

କଣିହାଁ ବ୍ଲକ ବଡତ୍ରିବିଡା ହାଇସ୍କୁଲର ଖେଳ ଶିକ୍ଷକ ହରମୋହନ ପ୍ରଧାନ ଅବସରର ନେଇଛନ୍ତି। ସେ ବିଭିନ୍ନ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଭାବେ ସୁନାମ ଅର୍ଜନ କରି ଶିକ୍ଷା ପ୍ରଦାନ କ୍ଷେତ୍ରରେ ପ୍ରିୟପାତ୍ର ହୋଇଥିଲେ। ଏ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ବଡତ୍ରିବିଡା ହାଇସ୍କୁଲରରେ ଏକ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଶାନ୍ତନୁ ପ୍ରଧାନ, ଗ୍ରାମ ସଭାପତି ଛବିନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କ ନିରୋଗ ଜୀବନ କାମନା କରିଥିଲେ।

# ଛକରେ ହେଉନି ବିଦ୍ୟୁତ୍ ସଂଯୋଗ

**ମାଧପୁର,୩।୫**

ଏନ୍ଏଚ୍ ୧୫୩(ବି)ର ସମ୍ପ୍ରସାରଣ କାମ ଅନୁଗୋଳ ଜିଲା ଆଠମଲ୍ଲିକଠାରେ ଶେଷ ହୋଇଥିଲେ ହେଁ କିଆକଟା ଛକରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ରାଜପଥ ସମ୍ପ୍ରସାରଣ ପାଇଁ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ଛକରେ ବିଦ୍ୟୁତ୍ ବିଚ୍ଛିନ୍ନ ପାଇଁ ଏନ୍ଏଚ୍ ଡିଭିଜନ ସମ୍ବଲପୁର ପକ୍ଷରୁ ୧୨ ଡିସେମ୍ବର ୨୦୨୨ରେ ନମ୍ବର ୩୫୩୦ରେ ଆଠମଲ୍ଲିକ ବିଦ୍ୟୁତ୍ ବିଭାଗକୁ ପତ୍ର ଲେଖାଯାଇଥିଲା। ହେଲେ ଛକ ସମ୍ପ୍ରସାରଣ କାମ ଶେଷ ହେବାର ଦୀର୍ଘଦିନ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଫଳରେ ସନ୍ଧ୍ୟା ହେଲେ ଦୋକାନୀମାନେ ନାହିଁ ନ ଥିବା ସମସ୍ୟାର



ସମ୍ମୁଖୀନ ହେବା ସହ ଛକରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଯାତ୍ରୀଙ୍କ ସୁବିଧା ପାଇଁ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ନିଜ ହାତ ପାଣ୍ଠିରୁ ଏକ ଷ୍ଟ୍ରିଟ ଲାଇଟ୍ ଲଗାଇଥିଲେ। ହେଲେ ବିଦ୍ୟୁତ୍ ବିଭାଗ ଓ ଏନ୍ଏଚ୍ ଡିଭିଜନ ମଧ୍ୟରେ ସମନ୍ୱୟ ନ ଥିବା ଯୋଗୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଛକ ସମ୍ପ୍ରସାରଣ କାମର ଡିଜାଇନରେ ତ୍ରୁଟି ଥିବା ବିଷୟରେ ସ୍ଥାନୀୟ ସମିତି ସଭ୍ୟା ଉପଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ ସୁଦ୍ଧା କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

# ସେବା ସମବାୟ ସମିତିରୁ ଚୋରି

**ଖମାର, ୩।୫ (ଡି.ଏନ.ଏ.)**

ପାଲଲହଡା ଉପଖଣ୍ଡ ଖମାର ଥାନା ଇଞ୍ଜିଡ଼ ସେବା ସମବାୟ ସମିତି କାର୍ଯ୍ୟାଳୟରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସମିତି ସମ୍ପାଦକ ସୁମନ୍ତ କୁମାର ସ୍ୱାଇଁ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି, ରାତ୍ର ଜଗୁଆଳି ଗଣେଶ୍ୱର ସାହୁ ଗତ ୩୦ ତାରିଖରେ କାର୍ଯ୍ୟାଳୟରେ ଶୋଇଥିଲେ। ରାତି ପ୍ରାୟ ୩ଟାରେ ତାଙ୍କୁ ପାଇଖାନା ଲାଗିବାରୁ ସେ ବାହାରକୁ ଯାଇଥିଲେ। ୧ ତାରିଖ ସକାଳ ୮ଟାରେ ସେ ଅଫିସକୁ ଝାଡୁ କରିବା ପାଇଁ ଆସିବା ବେଳେ ୨ଟି ରୁମ୍‌ର କବାଟ ଭଙ୍ଗା ଯାଇଥିବା ଦେଖି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ସମ୍ପାଦକ ସୁମନ୍ତ ଆସି ଗୋଟିଏ ଇନଭର୍ଟର, ବ୍ୟାଟେରି, ମନିଟର, ଜେରକ୍ସ ମେଶିନ ଓ ପ୍ରିଣ୍ଟର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଅଭିଯୋଗ ପାଇବା ପରେ ଖମାର ପୋଲିସ ନଂ. ୮୩/୨୦୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଖଣି କ୍ଷତିଗ୍ରସ୍ତଙ୍କୁ ଭେଟିଲା ଭାଜପା ଟିମ୍

**ଅନୁଗୋଳ ଅଫିସ, ୩।୫**

■କ୍ଷତିଗ୍ରସ୍ତଙ୍କ ଦାବି ପଚାରି ବୁଝିଲେ
■ଖଣି କର୍ତ୍ତୃପକ୍ଷ, ପ୍ରଶାସନ ସହ ଆଲୋଚନା କରିବେ

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବରପଦା ପଞ୍ଚାୟତ ଗୋପୀବଲ୍ଲଭପୁର ସ୍ଥିତ ଖଣି କ୍ଷତିଗ୍ରସ୍ତଙ୍କୁ ଭେଟିଛି ଜିଲା ଭାଜପା ଟିମ୍। ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଯାଇଥିବା ଏକ ଟିମ୍ ଜେଲ୍‌ରୁ ବେଲ୍‌ରେ ବାହାରିଥିବା କ୍ଷତିଗ୍ରସ୍ତମାନଙ୍କୁ ସାକ୍ଷାତ କରି ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରିବା ସହ ଏ ନେଇ ଖଣି କର୍ତ୍ତୃପକ୍ଷ ଓ ପ୍ରଶାସନ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଦଳ କ୍ଷତିଗ୍ରସ୍ତଙ୍କ ସମସ୍ୟା ନେଇ ଆନ୍ଦୋଳନ କରିବ ବୋଲି ଭାଜପା ଟିମ୍ କହିଛନ୍ତି।

ଅନୁଗୋଳ ଭାଜପା ପକ୍ଷରୁ କୁହାଯାଇଛି, ଗୋପୀବଲ୍ଲଭପୁରରେ ନାଲ୍‌କୋ ପକ୍ଷରୁ କୋଇଲା ଖନନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏକ ଠିକା ସଂସ୍ଥା ଦ୍ୱାରା ଏହି କାର୍ଯ୍ୟ କରାଯାଉଥିଲେ ହେଁ ଜମି ଅଧିଗ୍ରହଣ ଓ ଥଇଥାନ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତଙ୍କୁ ଉଚିତ ପ୍ରାପ୍ୟ ମିଳିନାହିଁ କି ନିଯୁକ୍ତି ଦିଆଯାଉ ନାହିଁ। ଏହାକୁ କ୍ଷତିଗ୍ରସ୍ତ ପ୍ରଜାମାନେ ବିରୋଧ କରିବା ସହ ଆନ୍ଦୋଳନ କରିବାରୁ ପ୍ରଶାସନ ପୋଲିସ ସହାୟତାରେ ୨୦ ମହିଳା ଏବଂ ୨୧ ପୁରୁଷଙ୍କୁ ଗତ ୨୪ ତାରିଖରୁ ଗିରଫ କରିଥିଲା। ଗତ ୨ ତାରିଖରେ ସେମାନେ ବେଲ୍‌ରେ ଆସିଛନ୍ତି। ଅନୁଗୋଳ ଜିଲା ଭାଜପା ପକ୍ଷରୁ ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସେହି ଅଞ୍ଚଳ ଗସ୍ତକରି କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରିଛି। ନିରୀହ ଆଦିବାସୀ ଏବଂ କ୍ଷତିଗ୍ରସ୍ତଙ୍କୁ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ କରି ଅନ୍ୟାୟୋଚିତ ଭାବେ ମିଥ୍ୟା କେସ ଲଗାଇ ଗିରଫ କରିବା କାହା ସ୍ୱାର୍ଥରେ ବୋଲି ଜିଲା ସଭାପତି ପ୍ରଧାନ ପ୍ରଶ୍ନ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତମାନଙ୍କୁ ନିୟମାନୁଯାୟୀ ଉଚିତ କ୍ଷତିପୂରଣ ଏବଂ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ଏଥିସହ ସମସ୍ୟା ସମ୍ପର୍କରେ ଜିଲାପାଳ ଏବଂ ନାଲ୍‌କୋ ଅଧିକାରୀଙ୍କୁ ଭେଟି କ୍ଷତିଗ୍ରସ୍ତଙ୍କ ଅଧିକାର ପାଇଁ ଦାବି ଜଣାଇବା ସହ ଦରକାର ପଡିଲେ ଦଳ ଆନ୍ଦୋଳନ କରିବ ବୋଲି ଭାଜପା ଜିଲା ସଭାପତି କହିଛନ୍ତି। ଭାଜପାର ଏହି ଟିମ୍‌ରେ ଜିଲା ସଭାପତିଙ୍କ ସମେତ ଜିଲା ଉପ ସଭାପତି ଚୌଧୁରୀ ପ୍ରଧାନ ଓ ଅମୀୟ ତ୍ରିପାଠୀ, କୃଷକ ମୋର୍ଚ୍ଚା ଜିଲା ସଭାପତି ବିଜୟ ମାଝି, ଜିଲା କୋଷାଧକ୍ଷ ବିଶ୍ୱଜିତ ମିଶ୍ର, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପୁପୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅବକାରୀ ଚଢ଼ାଉ: ୬ ଗିରଫ

**ବଇଣ୍ଡା ,୩।୫(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଠାକୁରଗଡ଼ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୬ ଜଣଙ୍କୁ ଗିରଫ କରିଛି। ବିଭାଗ ପକ୍ଷରୁ କୁହାଯାଇଛି, ଧଣ୍ଡାତୋପା ଗ୍ରାମର ଦୁଃଖବନ୍ଧୁ ଦେହୁରୀ, ଦାମବାହାଳ ଗ୍ରାମର ପୁନି ପ୍ରଧାନ, ଖଡ଼କବାହାଳ ଗ୍ରାମର ପ୍ରଫୁଲ୍ଲ ବେହେରା, ବିଜୁଳି ବେହେରା, ଘୋଡାବାନ୍ଧୁଣି ଗ୍ରାମର ଗୌରମୋହନ ପ୍ରଧାନ ଏବଂ ଆରାମପୁର ଗ୍ରାମର ରସାନନ୍ଦ ପ୍ରଧାନଙ୍କ ଠାରୁ ଚୋରା ମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି। ଏମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗ କର୍ମଚାରୀମାନେ ଚଢ଼ାଉ କରିଥିଲେ।

# ଶ୍ରମିକଙ୍କ ଦାବି, ସମସ୍ୟା ଉପରେ ଆଲୋଚନା



ନାଲ୍‌କୋ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ଶ୍ରମିକ ଦିବସ ପାଳନ ଅବସରରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ବଅଁରପାଳ, ୩।୫ (ଡି.ଏନ.ଏ.)**

ନାଲ୍‌କୋର ବିଭିନ୍ନ ଶ୍ରମିକ ସଙ୍ଗଠନ କାର୍ଯ୍ୟାଳୟରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ନେପୁ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭପତି ଅଜୟ ଦାସ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ବୈରାଗୀ ସେଠ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଂଘର ମୁଖ୍ୟ ପୃଷ୍ଠପୋଷକ ବିନୋଦ ବିହାରୀ ସେଠ ଅତିଥି ଭବେ ଯୋଗ ଦେଇଥିଲେ। ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କ ଦାବି ଗୁଡିକ ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶରତ ବେହେର, ମାଙ୍ଗିଲାଲ ସାମଲ, ସ୍ୱରୂପ ଗଡ଼ନାୟକ, ଜଗନ୍ନାଥ ସେଠ, ଜିତେନ୍ଦ୍ର ଜେନା, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନାଲ୍‌କୋ ଏମ୍ପ୍ଲୟିଜ ସଂଘ କାର୍ଯ୍ୟାଳୟରେ ସାଧାରଣ ସମ୍ପାଦକ ନିର୍ମଳ ସାମଲ ପତାକା ଉତ୍ତୋଳନ କରିଥିଲେ। ଏଥିରେ ବିଜନ ଦଳ ବେହେରା, ରଞ୍ଜିତ ସାହୁ, ମନୋଜ ସ୍ୱାଇଁ, ପ୍ରକାଶ ବେହେରା, ସୁଧାଂଶୁ ମିଶ୍ର, ଅଶ୍ୱିନୀ ସାମଲ, ଅଟଳ ବିହାରୀ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ନାଲକୋ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ବରିଷ୍ଠ ଶ୍ରମିକ ନେତା ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ବିଭବ ଜେନା ସଭା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭପତି ହେମନ୍ତ ପ୍ରଧାନ, ପ୍ରଣବ ଜେନା, ବସନ୍ତ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏନଏନଇୟୁ କାର୍ଯ୍ୟାଳୟରେ ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ର ପଣ୍ଡା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅତିରିକ୍ତ କାର୍ଯ୍ୟକାରୀ ସଭପତି ଚନ୍ଦ୍ରମଣି ବିଶ୍ୱାଳଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ସାଧାରଣ ସମ୍ପାଦକ ରତ୍ନାକର ପରିଡା, ସୁରେଶ ବେହେରା, ବିଶ୍ୱନାଥ ଗଡ଼ନାୟକ, ଗୁରୁଦେବ ରାଉତ, ପ୍ରଫୁଲ୍ଲ ବେହେରା, ବେଣୁଧର ସାହୁ, ଲିଟନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

